# ଶବ୍ଦ ନାଦ ବିନ୍ଦୁ ବ୍ରହ୍ମ ଯଜ୍ଞ



ଧ୍ୟାନର ଲକ୍ଷ୍ୟ : ଚରମ ଧ୍ୟେୟ

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଶାବ୍ଦ ନାଦ ବିନ୍ଦୁ ବ୍ରହ୍ମ ଯଜ୍ଞ

## କେନ୍ଦେଇପଶି, କେନ୍ଦୁଝର

୧୪୦୮ ସାଲ ଜ୍ୟେଷ୍ଠ ରମ୍ଭା ତୃତୀୟା,
୨୦୦୧ ମସିହା ମଇ ୨୫ ତାରିଖ ଶୁକ୍ରବାର ଠାରୁ
ସପ୍ତମୀ ମଇ ୨୯ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ


ଦ୍ୱିତୀୟ ସଂସ୍କରଣ : କେଶବାବ୍ଦ-୫୨, ଆବିର୍ଭାବ ମହୋତ୍ସବ
ଅକ୍ଷର ସଜ୍ଜା : ରସଦ୍ ଏଡ୍ ଏଜେନ୍ସି, କଟକ
ମୁଦ୍ରଣ : ଇନ୍ ପ୍ରିଣ୍ଟ୍, ଚାନ୍ଦିନୀଚୌକ, କଟକ



## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।
ଫୋନ୍ - ୦୬୭୧-୨୭୬୬୭୧୦୧


ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

# ଶବ୍ଦ ନାଦ ବିନ୍ଦୁ ବ୍ରହ୍ମ ଯଜ୍ଞ

## କେନ୍ଦେଇପଶି, କେନ୍ଦୁଝର

୧୪୦୮ ସାଲ ଜ୍ୟେଷ୍ଠ ରମ୍ଭା ତୃତୀୟା, ୨୦୦୧ ମସିହା ମଇ ୨୫ ତାରିଖ
ଶୁକ୍ରବାର ଠାରୁ ସପ୍ତମୀ ମଇ ୨୯ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ

ଓଁ

*ଗୈରିକବାସ ପରିଶୋଭିତ ଶ୍ୟାମତନୁମ୍ ।*
*ଭାଲେ ଶ୍ରୀଚନ୍ଦନ ଶୋଭା ନୟନାଭିରାମମ୍ ॥*
*ଶ୍ରୀପାଦ ପଙ୍କଜଦ୍ୱୟ ପାଦୁକାଳଂକୃତମ୍ ।*
*ପାତୁ ନଃ ଦେବଦେବେଶ ମମ ଦୀନବନ୍ଧୋ ॥*

ବ୍ରହ୍ମଲୀଳା ବର୍ଣ୍ଣିତ ପୁରାଣ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ତ୍ରେତୟା ଲୀଳାଛନ୍ଦରେ ଛନ୍ଦାୟିତ ରାମାୟଣ, ଯଦୁପତି ରାସେଶ୍ୱରଙ୍କ ହ୍ଲାଦିନୀ ଲୀଳାରସରେ ପ୍ଲାବିତ ଶ୍ରୀମଦ ଭାଗବତ ଆଦି ଜ୍ଞାନଗଙ୍ଗାକୁ ଯିଏ ମନଭରି ଆସ୍ୱାଦନ କରିଛି, ସେ ହିଁ ତା'ର ମଧୁରତା, ଚମତ୍କାରିତା ଓ ମାଦକତା ଅନୁଭବ କରିପାରିଛି । ସେ ସମସ୍ତ କାହାଣୀ କେବଳ ପାଠ କରି, ଶ୍ରବଣ କରି ଆତ୍ମହରା ହୋଇଯାଇଛି । ମାତ୍ର କଳିର ଏହି ଅନ୍ତିମ ପର୍ଯ୍ୟାୟରେ ଅବ୍ୟକ୍ତ ପତି ସ୍ୱୟଂ ନରତନୁ ଧାରଣ କରି ଧରାପୃଷ୍ଠରେ ତାଙ୍କର ଯେଉଁ ଅଭିନବ, କମନୀୟ, ମାଧୁର୍ଯ୍ୟ ଲୀଳା ଅତ୍ୟନ୍ତ ଗୋପନ ଭାବରେ ସଂରଚନ କରି ଚାଲିଛନ୍ତି, ତାହାର ସ୍ୱାଦୁ କେତେଜଣ ପାଇଛନ୍ତି ? ପୂଣ୍ୟତୋୟା ଜରିଆ ତୀରରେ ତାଙ୍କରି ଦ୍ୱାରା ପ୍ରତିଷ୍ଠିତ ହୋଇଛି ଅବ୍ୟକ୍ତର ବ୍ୟକ୍ତ ସ୍ଥୂଳ ରୂପ ସ୍ୱର୍ଣ୍ଣକ୍ଷେତ୍ର । ସେହି କ୍ଷେତ୍ରର ମାୟା ବଳୟ ପରିସୀମା ମଧ୍ୟରେ ଭକ୍ତ ପ୍ରେମର ସାଗରଟିଏ ସୃଷ୍ଟି ହୋଇଯାଇଅଛି । ଉକ୍ତ ସାଗରରେ ତରଙ୍ଗାୟିତ ଭାବ ରୂପକ ଢ଼େଉରେ ଆତ୍ମହରା ହୋଇ ଅବ୍ୟକ୍ତର ପ୍ରତୀକ କଳାହଂସଟି ସନ୍ତରଣ କରି ଚାଲିଛନ୍ତି । କଳିର ପ୍ରଚଣ୍ଡ ଆଘାତରେ ଜର୍ଜରିତ ଜୀବ ରୂପକ ହଂସୀର ହୃଦୟରୁ ମୋହ,

ମାୟା ମିଶ୍ରିତ ଅସତ୍, ଅଶୁଦ୍ଧ ଭାବର ତରଙ୍ଗରୁ ଅତି ସତର୍କରେ ଭକ୍ତି, ପ୍ରେମ ରସଟିକୁ ଛାଣି ନେଇ ଯାଉଛନ୍ତି ଠିକ୍ ଯେପରି କ୍ଷୀରଯୁକ୍ତ ଜଳ ମଧ୍ୟରୁ ରାଜହଂସ କେବଳ କ୍ଷୀରକୁ ଶୋଷଣ କରିନିଏ । ଜୀବରୂପକ ସେହି ହଂସୀର ଜନ୍ମ ଜନ୍ମାନ୍ତରର କୁକର୍ମ-ସୁକର୍ମ, ପାପ-ପୂଣ୍ୟକୁ ଭ୍ରୁକ୍ଷେପ ନ କରି ଏହି ଶୋଷଣ ମାଧ୍ୟମରେ ଜୀବ-ପରମ ମିଳନ ପର୍ବ ପାଳନ ପାଇଁ ନିଜେ ହଂସ ସାଜି ହଂସୀ ସହ ଏକାକାର ହୋଇଯିବାର ସଂକଳ୍ପ ନେଇ ସତର୍କତାର ସହ ସୃଷ୍ଟି ନିଷ୍ପତ୍ତିର ସୂକ୍ଷ୍ମ ଚକ୍ର ଚାଳନା କରି ଚାଲିଛନ୍ତି । ତେଣୁ ତାଙ୍କ ସାନ୍ନିଧ ଲାଭ କରିବାକୁ ଆସୁଥିବା ସମାଜର ଲାଞ୍ଛିତ କର୍ମରେ ଲିପ୍ତଥିବା ବ୍ୟକ୍ତି କହୁଛି, "ପ୍ରଭୁ ମୋର କରୁଣା ସାଗର, ଦୟାମୟ ।" ଭକ୍ତିରସରେ ପୁଲକିତ ଜୀବ ବର୍ଣ୍ଣନ କରୁଛି, ସ୍ୱାମୀ ମୋର ଅତ୍ୟନ୍ତ ଦରଦୀ ଓ ସ୍ନେହବତ୍ସଳ ତାଙ୍କ ମମତାର ପଟାନ୍ତର ନାହିଁ । ଜ୍ଞାନଗଙ୍ଗାରେ ନିତ୍ୟସ୍ନାନରତ ଜ୍ଞାନପିପାସୁ ପ୍ରଚାର କରୁଛି, "ଏ ସୃଷ୍ଟିର ସମସ୍ତ ଜ୍ଞାନ ଭଣ୍ଡାର କେବଳ ଏହିଠାରେ ହିଁ ଲୀନ ହୋଇଯାଇଛି ।" ଯୋଗୀ, ତପସ୍ୱୀ, ସାଧକ, ସାଧୁ, ସନ୍ନ୍ୟାସୀ, ସନ୍ଥ ଅନୁଭବ କରି କହୁଛନ୍ତି, "ଆମର ନିତ୍ୟବନ୍ଦିତ ଯୋଗେଶ୍ୱର, ଆରାଧ୍ୟ, ଧେୟ ପରମବ୍ରହ୍ମ ଏହି ଶରୀରରେ ହିଁ ଆତ୍ମଗୋପନ କରିଛନ୍ତି ।" ଆର୍ତ୍ତ ବିହ୍ୱଳ ହୋଇ କହି ବୁଲୁଛି, "ଆର୍ତ୍ତତ୍ରାଣ, ପତିତପାବନଙ୍କୁ ପାଇ ମୁଁ ଧନ୍ୟ ହୋଇଗଲି ।" ପୁତ୍ରହରା, ସନ୍ତାନହୀନା ଜନନୀଟିଏ ଦର୍ଶନ ମାତ୍ରେ ଅନୁଭବ କରୁଛି, "ମୋର ପୁଅ ଏହି ସ୍ୱର୍ଣ୍ଣକ୍ଷେତ୍ରରେ ବିରାଜିତ ।" ପିତୃମାତୃହରା ଅନାଥ ଆନନ୍ଦରେ ନାଚିଉଠି ଚିତ୍କାର କରୁଛି, "ମୋର ମମତାମୟୀ ଜନନୀ, କଲ୍ୟାଣମୟ ପିତା ଏହିଠାରେ ଏକ ଅଙ୍ଗରେ ବିଦ୍ୟମାନ ଅଛନ୍ତି ।" ଏହିପରି ଯିଏ ଯେଉଁ ଭାବ ନେଇ ଆସିଛି, ଆସୁଛି, ଭାବଗ୍ରାହୀ ତା'ର ସେହି ଭାବକୁ ଗ୍ରହଣ କରି ତା ହୃଦୟର ଶୂନ୍ୟତା ପୂର୍ଣ୍ଣ କରିଦେଉଛନ୍ତି ଓ ଭାବାନୁସାରେ କୃପାଜଳ ସିଞ୍ଚନ କରି ତାକୁ ଆତ୍ମବିହ୍ୱଳ କରି ଦେଉଛନ୍ତି । ପ୍ରଶାନ୍ତ ମୁଖମଣ୍ଡଳର ଅଖଣ୍ଡ, ଅବିଚଳିତ, ସ୍ଥିରତା ସହ ମୃଦୁହାସ୍ୟ ଭରା ଆତ୍ମୀୟତା, ଗୈରିକ ବସନ ପରିହିତ ଶ୍ୟାମତନୁର ସେହି ମଉନ ରୂପଟିକୁ ଯିଏ ଥରେ ନ ଦେଖିଛି, ତାଙ୍କ ଅନ୍ତରର ମାଦକଭରା ମମତାକୁ ଯିଏ ବ୍ୟକ୍ତିଗତ ଭାବେ ଆସ୍ୱାଦନ ନ କରିଛି ସେ କଦାପି ବିଶ୍ୱାସ କରିପାରିବ ନାହିଁ । ତାଙ୍କୁ ଦେଖିଲେ, ତାଙ୍କ ସହିତ ଏକାତ୍ମ ଭାବରେ ମନକୁ ସମର୍ପଣ କରି ମିଶିଗଲେ ଏବଂ ତାଙ୍କର ଲୀଳାକୁ ବିଶ୍ୱାସର ଚକ୍ଷୁରେ ଅବଲୋକନ କଲେ ଯେ କେହି ସ୍ପଷ୍ଟ ଭାବରେ ଅନୁଭବ କରି ପାରିବ ଯେ ସେ "ସତ୍ତ୍ୱ, ରଜ, ତମ" ତ୍ରିଗୁଣ ମଧ୍ୟରୁ କୌଣସି ଗୁଣରେ ଆବଦ୍ଧ ନୁହଁନ୍ତି । ତ୍ରିଗୁଣର ଉର୍ଦ୍ଧ୍ୱରେ ତଥା ତ୍ରିଗୁଣର ସୃଷ୍ଟି କେନ୍ଦ୍ର ଅବ୍ୟକ୍ତ ମଣ୍ଡଳର ସେ ହିଁ ସ୍ଥୂଳ ବ୍ୟକ୍ତରୂପୀ ପରମ ପୁରୁଷ ।

ଆଜି ପର୍ଯ୍ୟନ୍ତ ବର୍ଣ୍ଣିତ, ପ୍ରକାଶିତ ସ୍ତୁତିମାଳାକୁ ନିରୀକ୍ଷଣ କଲେ ମନରେ ଧାରଣା ସୃଷ୍ଟି ହୁଏ ସେ ହେଉଛନ୍ତି ଭକ୍ତହୃଦମଣି, ଯୋଗୀଜନ ବନ୍ଦିତ ଏବଂ ଭକ୍ତଭାବ ବନ୍ଦୀଶାଳାର ବନ୍ଦୀ ପୁରୁଷୋତ୍ତମ । ମାତ୍ର ତାଙ୍କର ବର୍ତ୍ତମାନ ସଂରଚିତ, ସଂଗଠିତ ଲୀଳାଚକ୍ରକୁ ଲକ୍ଷ୍ୟ କଲେ ଜଣାପଡ଼େ, ସତେ ଯେପରି ଯୁଗାନ୍ତ କ୍ରିୟାର ପ୍ରଭାବରେ ସେହି ପୁରାତନ ପ୍ରଥାର ପରିବର୍ତ୍ତନ ଘଟିଛି । ଯଥା: ସେ ଭକ୍ତ ହୃଦର ମଣି ନୁହଁନ୍ତି । ଭକ୍ତ ତାଙ୍କ ହୃଦୟର ମଣି । ସେ ଯୋଗୀଜନ ମାନଙ୍କର ସେବିତ ନୁହଁନ୍ତି । ଯୋଗୀଜନମାନେ ତାଙ୍କର ବନ୍ଦିତ ଓ ସେବିତ । ସେ ଭକ୍ତଭାବ ବନ୍ଦୀଶାଳାରେ ନାହାନ୍ତି । ଭକ୍ତ ତାଙ୍କ ପ୍ରେମବଳୟର ଆଶିଷ ଭରା ପୁଷ୍ପ ପେଟିକାରେ ସୁରକ୍ଷିତ ହୋଇ ଚିରଶାନ୍ତିରେ ଶୋଇଯାଇଛି । ସେହି ଭାବରେ ନିଜକୁ ଅତ୍ୟନ୍ତ ନିମ୍ନ ସ୍ତରରେ ଲୁଚାଇ ରଖି ତାଙ୍କ ପ୍ରିୟ ଭକ୍ତମାନଙ୍କୁ ଧରାପୃଷ୍ଠରେ ପ୍ରତିଷ୍ଠିତ କରାଇବା ପାଇଁ ବ୍ୟାକୁଳ ହୋଇ ଉଠୁଛନ୍ତି । ସେହି କ୍ରମରେ ବିଭିନ୍ନ ପ୍ରକ୍ରିୟା ମଧ୍ୟରେ ଯଜ୍ଞାନୁଷ୍ଠାନକୁ ସେ ମୁଖ୍ୟ ଆୟୁଧ କରି ତାହାରି ମାଧ୍ୟମରେ ଯୁଗ ଯୁଗଧରି ତାଙ୍କ ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ତ୍ୟାଗୀ, ତପସ୍ୱୀ, ସାଧକ ଓ ଭକ୍ତମାନଙ୍କୁ ପ୍ରତିଷ୍ଠା କରି ତାଙ୍କର ପୂଜାର୍ଚ୍ଚନ କରି କରାଇ ଚାଲିଛନ୍ତି । ପୁରାଣରେ ଅନେକ ଭକ୍ତ ପ୍ରତିଷ୍ଠିତ ହୋଇ ଯାଇଛନ୍ତି । କିନ୍ତୁ ପୁରାଣପୃଷ୍ଠା ବାହାରେ ଏପରି କେତେ ସୁପୁରୁଷ, ଭକ୍ତ, ଯୋଗୀ, ମୁନି, ତପସ୍ୱୀ ରହି ଯାଇଛନ୍ତି ଯାହାଙ୍କ ସମ୍ପର୍କରେ ତାଙ୍କ ବ୍ୟତୀତ ଅନ୍ୟ କେହି କିଛି ଜାଣି ନାହାନ୍ତି । ପରମକାରୁଣିକ, ଭକ୍ତ ବତ୍ସଳ ଭାବଗ୍ରାହୀ ବର୍ତ୍ତମାନ ସେହିମାନଙ୍କୁ ଜନମାନସରେ ପୂଜିତ କରାଇ ସେମାନଙ୍କ ନିଷ୍ଠା, ତ୍ୟାଗ, ପରାକାଷ୍ଠାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଚାଲିଛନ୍ତି ।

ଏହାପୂର୍ବରୁ ଅନେକ ଯଜ୍ଞାନୁଷ୍ଠାନ ସଂଗଠିତ ହୋଇସାରିଛି । ସେ ସମସ୍ତ ଯଜ୍ଞର ବିଷୟବସ୍ତୁ ପାଠ କରି ଏକାନ୍ତ ଭାବରେ ଅନୁଧ୍ୟାନ କଲେ ଉପରୋକ୍ତ ନିର୍ଯ୍ୟାସ ସହଜରେ ଉପଲବ୍ଧି କରି ହେବ । ସୃଷ୍ଟି ନିର୍ମାଣ ଆରମ୍ଭରୁ ତାଙ୍କ ଆଶୀର୍ବାଦର ଧାରା ଧରାପୃଷ୍ଠରେ ଅବାରିତ ଗତିରେ ପ୍ରବାହିତ ହୋଇ ଚାଲିଛି । ଆଜି ମଧ୍ୟ ତାହାର ବ୍ୟତିକ୍ରମ ହୋଇନାହିଁ । ଭକ୍ତ ଇଚ୍ଛା ପୂର୍ଣ୍ଣ ପାଇଁ ଅନୁଷ୍ଠିତ କରୁଥିବା ଯଜ୍ଞ ଓ ଯଜ୍ଞ ସମ୍ପର୍କିତ ବିଷୟବସ୍ତୁ ମାଧ୍ୟମରେ ଅନେକ ଅପ୍ରକାଶିତ, ଅସମାହିତ ସୃଷ୍ଟିତତ୍ତ୍ୱ, ଜ୍ଞାନ, ବ୍ରହ୍ମଜ୍ଞାନ ଓ ବହୁବିଧ ତତ୍ତ୍ୱ ଆଦି କୈବଲ୍ୟ କଣିକା ଗୁଡ଼ିକୁ ଏହି ସ୍ମରଣିକା ମାଧ୍ୟମରେ ତାଙ୍କର ପ୍ରିୟ ସନ୍ତାନ ସନ୍ତତି ମାନଙ୍କ ଉଦ୍ଦେଶ୍ୟରେ ଧରାବକ୍ଷରେ ବିଛାଡ଼ି ଦେଉଛନ୍ତି ।

ତାଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ କୃପା ବିନା କିଏ ବୁଝିବ ତାଙ୍କ ଇଚ୍ଛା ? କିଏ ମାପି ପାରିବ ତାଙ୍କ ପ୍ରେମର ଗଭୀରତା ? ଅନୁଭବ କରିପାରିବ ତାଙ୍କ ହୃଦୟର

ମମତା ? ତାଙ୍କୁ କିଏ ଗ୍ରହଣ କରୁ ବା ନ କରୁ, ବିଶ୍ୱାସ କରୁ ଅଥବା ନ କରୁ, ତାଙ୍କୁ କେହି ସମାଲୋଚନା, ଥଟ୍ଟା ପରିହାସ କରୁ କିମ୍ବା ବନ୍ଦନା, ପୂଜାର୍ଚ୍ଚନା କରୁ ସେଥିରେ ତାଙ୍କର ନଜର ନାହିଁ , ଭ୍ରୂକ୍ଷେପ ନାହିଁ, କିଛି ଯାଏ ଆସେ ନାହିଁ । ନିର୍ଗୁଣମୟ ପୁରୁଷ ସେ । ସମସ୍ତ ଗୁଣସୂତ୍ର ଅନ୍ତର୍ଗତ ଭାବଧାରା କଣ ତାଙ୍କୁ ସ୍ପର୍ଶ କରି ପାରିବ ? ତେଣୁ ସେ ତାଙ୍କର ପ୍ରତିଶ୍ରୁତି, ବଚନବଦ୍ଧତା ଏବଂ ଜୀବ କଲ୍ୟାଣ, ପତିତ ଉଦ୍ଧାର କାର୍ଯ୍ୟ ନିରବଚ୍ଛିନ୍ନ ଭାବରେ କରି ଚାଲିଛନ୍ତି ।

ଆଜି କେନ୍ଦୁଝର ଜିଲ୍ଲାର କେନ୍ଦେଇପଶିଠାରେ ଅନୁଷ୍ଠିତ ହେଉଥିବା ବ୍ରହ୍ମଯଜ୍ଞ କଲ୍ୟାଣମୟଙ୍କ କଲ୍ୟାଣଧାରାର ଏକ ଅଂଶ ଅଟେ । ଏହାର ବିଷୟବସ୍ତୁ ସମସ୍ତଙ୍କୁ ଅଜଣା ଥିଲା । ଯଜ୍ଞ ହେବାର ନିଷ୍ପତ୍ତି ପ୍ରକଟ ହେବାପରେ ସେବାୟତମାନେ ଏହାର କାରଣ ସମ୍ବନ୍ଧରେ ଶ୍ରୀଚରଣରେ ଜିଜ୍ଞାସା କରିବାରୁ ପ୍ରଭୁ ପ୍ରେମାବତାର ଯେଉଁ ସୂଚନା ଦେଇଥିଲେ, ସେଗୁଡ଼ିକୁ ଏକତ୍ର କରି ଏହି କ୍ଷୁଦ୍ର ପତ୍ରିକା ମାଧ୍ୟମରେ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଅଛୁ । ଆଶା ରଖୁଛୁ, ପରମ କାରୁଣିକ, ପତିତପାବନ, ଭକ୍ତବତ୍ସଳଙ୍କ ଅପାର କରୁଣାରୁ ଭକ୍ତ ଅମରଗାଥାର ବକ୍ତା ଓ ଶ୍ରୋତା ଉଭୟଙ୍କର ମଙ୍ଗଳ ହେଉ ।



**ବିଶ୍ୱବାସୀଙ୍କ** ତରଫରୁ ଅନୁଗତ ସେବକ ନାନାଦି ସ୍ତୁତି ନିବେଦନ କରି ଶ୍ରୀ ଗୁରୁସ୍ୱାମୀଙ୍କ ଶ୍ରୀଚରଣରେ ପ୍ରାର୍ଥନା କଲା ।



ଭୋ ଦେବ ! ମହିମା ସାଗର ।
ପ୍ରଣତି ମୋର ଘେନାକର ॥
ତୁମେ ତ ପ୍ରଭୁ କଳ୍ପବୃକ୍ଷ ।
ମୁଁ ଅଟେ ଅନାଥ ଅରକ୍ଷ ॥
ତୁମେ ମୋହର ସର୍ବଗତି ।
ରକ୍ଷା କର ହେ କୃପାପତି ॥
ମୋହ ମାୟାର ବନ୍ଧନରେ ।



ରହି ମୁଁ କାନ୍ଦେ ଆକୁଳରେ ॥
ତୁମେ ନ ହେଲେ ମୋତେ ସାହା ।
କେ ନାହିଁ କରିବାକୁ ଆହା ॥
ତୁମେ ମୋ ମନର ମୋହନ ।
କର ହେ ସନ୍ଦେହ ମୋଚନ ॥
କେନ୍ଦେଇପଶି କେନ୍ଦୁଝର ।
ଯୁଗଲୀଳାରେ ବ୍ରହ୍ମପୁର ॥
ଶବଦନାଦ ବିନ୍ଦୁ ବ୍ରହ୍ମ ।
ଶୁଣି ମନରେ ହୁଏ ଭ୍ରମ ॥
କେଉଁ କାରଣେ ଏ ଆଶିଷ ।
ଯାଗରେ ବାଣ୍ଟ କୃପାଈଶ ॥
କରୁଣା କର ଭାବଗ୍ରାହୀ ।
ମୋର ଅନ୍ତରେ ଭାବନାହିଁ ॥
ନିଜ ଭାବରେ ତୋଳି ନିଅ ।
ଯଜ୍ଞ କାରଣ କହି ଦିଅ ॥

ଶ୍ରୀଚରଣରେ ପ୍ରଣତି ସମର୍ପଣ କରି ସେବକ ପଚାରିଲା- ହେ ପ୍ରଭୁ ! ମହିମା ସାଗର । ତୁମ ମହିମାର ପଟାନ୍ତର ନାହିଁ । କିନ୍ତୁ ସେହି ମହିମା ଓ ଆଶିଷ ଅନୁଭବ କରିବା ପାଇଁ ମୋ ଅନ୍ତରରେ ଭାବ ନାହିଁ । ଅଛି କେବଳ କିଛି ଭ୍ରମ ଓ ଦ୍ୱନ୍ଦ୍ୱ । କେନ୍ଦୁଝର ଜିଲ୍ଲାର କେନ୍ଦେଇପଶି ଏକ ଅନାମଧେୟ କ୍ଷୁଦ୍ର ପଲ୍ଲୀଟିଏ । ସେଠାରେ "ଶବ୍ଦନାଦ ବିନ୍ଦୁ ବ୍ରହ୍ମଯଜ୍ଞ"ର ଆଦେଶ ଦେଇ ତାହାକୁ ଆଜି ଯୁଗଲୀଳା ସ୍ମାରକରେ "ବ୍ରହ୍ମପୁର"ର ମର୍ଯ୍ୟାଦା ପ୍ରଦାନ କରିବାକୁ ଯାଉଛନ୍ତି । କେଉଁ କାରଣରୁ ସେ ସ୍ଥାନ ଆଜି ଏପରି ସୌଭାଗ୍ୟର ଅଧିକାରୀ ହେବାକୁ ଯାଉଛି ସେ ସମ୍ବନ୍ଧରେ ବୁଝାଇ ଦେଇ ମୋର ତଥା ବିଶ୍ୱବାସୀଙ୍କର ସନ୍ଦେହ ମୋଚନ କରନ୍ତୁ ।

ପ୍ରିୟ ସେବକର ସମର୍ପଣରେ ପ୍ରୀତ ହୋଇ କରୁଣାସାଗର ଭାବଗ୍ରାହୀ କହିଲେ :

ତୁହି ମୋ ଧରମ ନନ୍ଦନ ।
ଯେଉଁ କାରଣେ ଦେଉମନ ॥
ସେ ଅଟେ ବିଚିତ୍ର କାହାଣୀ ।
ସତ୍ୟଯୁଗରୁ ହୁଏ ଗୁଣି ॥
ଭକତ ମୋହର ଜୀବନ ।
ଭାବ ତାହାର ମୋର ମନ ॥
ଯେ ଭାବେ ଝୁରୁଥାଏ ମୋତେ ।
ମୋ ପାଇଁ କଷ୍ଟ ସହେ କେତେ ॥
ତାହାର ଇଛା ପୂର୍ଣ୍ଣ ପାଇଁ ।
ଶୂନ୍ୟ ଜଗତୁ ଆସେ ଧାଇଁ ॥
ଯେ ସ୍ଥାନେ ଯାହା ମାଗିଥାଏ ।
ସେଠାରେ ତାହା ଯାଚିଦିଏ ॥
କୋଶଳ ରାଜ୍ୟେ କେନ୍ଦୁଝର ।
କନ୍ଦଳ ଋଷି ବ୍ରହ୍ମପୁର ॥
ପ୍ରତିଯୁଗର ଗୁପ୍ତଲୀଳା ।
ପ୍ରସିଦ୍ଧ ହୁଏ ଭକ୍ତମେଳା ॥
ଅତୀବ ପବିତ୍ର ଏ ଭୂଇଁ ।
ବିଶ୍ୱାସେ ଯେହୁ ଦେବ ଛୁଇଁ ॥
ସକଳ ପାପ ନାଶ ଯାଏ ।
ସାତ୍ତ୍ୱିକ ଶୁଦ୍ଧ ଭାବ ପାଏ ॥
ସତ୍ୟରେ ଏହି ପୂଣ୍ୟ ସ୍ଥଳେ ।
ସିଦ୍ଧଦତ୍ରୀ ଋଷି ଯେ ଥିଲେ ॥
ବ୍ରହ୍ମଜ୍ଞାନରେ ପରିପୂର୍ଣ୍ଣ ।
ସଦାଚାରୀ ସେ ତପୋଧନ ॥

ହଜାର ହଜାର ବରଷ ।
ତପେ କରିଲେ ବ୍ରହ୍ମତୋଷ ॥
ଶେଷରେ ଦର୍ଶନ ଲଭିଲେ ।
ମୋକ୍ଷ ପଦକୁ ପ୍ରାପ୍ତ ହେଲେ ॥

ପରମ କାରୁଣିକ ଠାକୁରେ କହିଲେ ! ତୁ ମୋ ଧର୍ମର ନନ୍ଦନ ଅଟୁ । ଯେଉଁ କାରଣ କଥା ଜାଣିବାକୁ ଚାହୁଁଛୁ, ତାହା ଏକ କାହାଣୀ ଅଟେ । ସତ୍ୟଯୁଗରୁ ତାହାର ପୃଷ୍ଠଭୂମି ନିର୍ମାଣ ହୋଇଛି । ଭକ୍ତ ହେଉଛି ମୋର ଜୀବନ । ତାହାର ଭାବ ହେଉଛି ମୋର ମନ । ମୋତେ ପାଇବା ପାଇଁ ସେ ଅନେକ କଷ୍ଟ ସ୍ୱୀକାର କରି ତାର ଜୀବନକୁ ଦୁଃଖମୟ କରିଦିଏ । ତେଣୁ ତାହାର ଭାବରେ ମୁଁ ବନ୍ଦୀ ହୋଇ ଅବଶ ହୋଇପଡ଼େ । ତେଣୁ ସେ ଯେଉଁ ବର ମାଗେ ତାହା ପୂର୍ଣ୍ଣ କରି ତାକୁ ଆନନ୍ଦ ଦାନ କରିବା ପାଇଁ ସମସ୍ତ କଷ୍ଟକୁ ହସି ହସି ଗ୍ରହଣ କରିନିଏ ଏବଂ ଶୂନ୍ୟ ଜଗତରୁ ନିରାକାର ରୂପ ତ୍ୟାଗ କରି ସ୍ଥୂଳ ନରତନୁ ଧାରଣ କରି ଧରାପୃଷ୍ଠକୁ ଧାଇଁ ଆସେ । ଯେଉଁ ସ୍ଥାନରେ ସେ ଯାହା ମାଗିଥାଏ ସେହି ସ୍ଥାନରେ ସ୍ଥୂଳରେ ଉପସ୍ଥିତ ରହି ତାହାକୁ ଯାଚି ଦେଇଥାଏ । ଯେଉଁ କେନ୍ଦୁଝର କଥା ପଚାରୁଛୁ, ସେହି କେନ୍ଦୁଝର କନ୍ଦୁଳ ଋଷିଙ୍କ ନାମାନୁସାରେ ନାମିତ ହୋଇଛି । କୋଶଳ ରାଜ୍ୟ ଅନ୍ତର୍ଗତ ଏହି ପୁଣ୍ୟଭୂମି ବହୁ ଅଲୌକିକ ବ୍ରହ୍ମଲୀଳାରେ ପୂର୍ଣ୍ଣ ହୋଇଅଛି । ପ୍ରତିଯୁଗରେ ଯୁଗପୁରୁଷମାନେ ଏଠାରେ ଅନେକ ଲୀଳା ଖେଳା କରି ଯାଇଛନ୍ତି । ଭକ୍ତ ମେଳିରେ ଏ ସ୍ଥାନ ସଦା ପବିତ୍ର ରହି ଅବତାର ଓ ଅବତାରୀମାନଙ୍କୁ ଆକର୍ଷଣ କରିଆଣନ୍ତି । ଯେଉଁ ସ୍ଥାନରେ ଆଜି ଯଜ୍ଞ ହେବାପାଇଁ ନିଷ୍ପତ୍ତି ହୋଇଛି, ସେହିଠାରେ ସତ୍ୟଯୁଗରେ "ସିଦ୍ଧଦତ୍ରୀ" ନାମକ ଏକ ଋଷି ଆଶ୍ରମ ପ୍ରତିଷ୍ଠା କରିଥିଲେ । ବ୍ରହ୍ମଜ୍ଞାନର ଅଧିକାରୀ ଏହି ଋଷି ହଜାର ହଜାର ବର୍ଷ କଠୋର ତପ ଆଚରଣ କରି ଶେଷରେ ବ୍ରହ୍ମଙ୍କର ଦର୍ଶନ ଲାଭ କରି ମୋକ୍ଷ ପ୍ରାପ୍ତି ହୋଇଥିଲେ ।

ସତ୍ୟରେ ସେହି ମହାଋଷି ।
ସତର ଶିଷ୍ୟ ନେଲେ କଷି ॥
ଏକୁ ଆରେକ ବଳିଆର ।
କଠୋର ଆଚାର ବେଭାର ॥

ତହିଁରୁ ଏକ ବିତ୍ରଦତ୍ତ ।
ବର ଇଛିଲେ ଅମରତ୍ୱ ॥
ସେ ବରେ ତ୍ରେତୟା ଲୀଳାରେ ।
ମଜ୍ଜିଲେ ଯଜ୍ଞ ପୁରୁଷରେ ॥
ପାଇଲେ ଦରଶନ ଶେଷେ ।
ରହିଲେ ଶୂନ୍ୟରେ ସନ୍ତୋଷେ ॥

ସତ୍ୟଯୁଗର ମହାଋଷି ସିଦ୍ଧଦତ୍ରୀ ବହୁ ପରୀକ୍ଷା କରି ମାତ୍ର ସତର ଜଣ ଶିଷ୍ୟଙ୍କୁ ବ୍ରହ୍ମଜ୍ଞାନ ପ୍ରାପ୍ତିର ସାଧନ ସୂତ୍ର ଦାନକଲେ । ସେମାନଙ୍କ ମଧ୍ୟରୁ ବିତ୍ରଦତ୍ତ ନାମକ ଜଣେ ଶିଷ୍ୟ ତାଙ୍କର ଦୃଢ଼ତା, ଏକାଗ୍ରତା ଓ ନିଷ୍ଠାରେ ସମସ୍ତଙ୍କୁ ପଛରେ ପକାଇ ଅମରତ୍ୱ ଲାଭ କଲେ । ସେହିବର ପ୍ରଭାବରେ ତ୍ରେତୟାଯୁଗରେ ପ୍ରଥମରୁ ହିଁ ନିଜକୁ ଯୋଗ, ଯାଗ, ଯଜ୍ଞାଦି କର୍ମରେ ସଂପୂର୍ଣ୍ଣ ଭାବରେ ନିୟୋଜିତ କରି ଯଜ୍ଞପୁରୁଷଙ୍କୁ ଏକାକ୍ଷର ବ୍ରହ୍ମରୂପରେ ଦର୍ଶନ ଲାଭ କରି ପରମ ସନ୍ତୋଷ ଲାଭ କଲେ ଓ ଶୂନ୍ୟ ସ୍ତରରେ ସୂକ୍ଷ୍ମ ସତ୍ତା ନେଇ ବ୍ରହ୍ମ ଚିନ୍ତନରେ ରହିଗଲେ ।

ସେ ବିତ୍ରଦତ୍ତ ଋଷିବର ।
ଏକବିଂଶ ଶିଷ୍ୟ ତାଙ୍କର ॥
ତହିଁରୁ ଦ୍ୱାପର ନନ୍ଦନ ।
ନାମରେ ସେ ଚତୁରାନନ ॥
ଥାପିଲେ ବର୍ଣ୍ଣାଶ୍ରମ ଧର୍ମ ।
ବାଣ୍ଟିଲେ ଗୁରୁକୁଳ କର୍ମ ॥
କନ୍ଦୁଲ୍ୟଭଙ୍ଗ ନାମେ ଶିଷ୍ୟ ।
ନିଷ୍ଠାରେ ଗୁରୁ ହେଲେ ତୋଷ ॥
ଏକାକ୍ଷରର ଶବ୍ଦ ଜ୍ଞାନ ।
ତହିଁରେ ବଳାଇଲେ ମନ ॥
ଗୁରୁ ଚରଣ ସେବା କରି ।
ମାଗିଲେ ବର ଏକାକ୍ଷରୀ ॥

ବିତ୍ରଦତ୍ତ ଋଷି ଏକୋଇଶି ଜଣ ଶିଷ୍ୟ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଚତୁରାନନ ନାମକ ଜଣେ ଶିଷ୍ୟ ଅଗ୍ରଗଣ୍ୟ ହୋଇ ଏକାକ୍ଷର ବ୍ରହ୍ମଜ୍ଞାନର ଅଧିକାରୀ

ହୋଇଥିଲେ । ଚତୁରାନନଙ୍କର କହୁଲ୍ୟଭଟ୍ଟ ନାମକ ଜଣେ ପ୍ରଧାନ ଶିଷ୍ୟଥିଲେ । ଚତୁରାନନ ଆଶ୍ରମ ପ୍ରତିଷ୍ଠା କରି ବର୍ଣ୍ଣାଶ୍ରମ ଧର୍ମ ପ୍ରଚଳନ କରିଥିଲେ ଓ ଶିଷ୍ୟମାନଙ୍କୁ ବର୍ଣ୍ଣମାଳା ତତ୍ତ୍ୱଜ୍ଞାନ ସହ ଗୁରୁବାଦ ଜ୍ଞାନ ବିତରଣ କରୁଥିଲେ । କହୁଲ୍ୟଭଟ୍ଟ ଗୁରୁଙ୍କୁ ସନ୍ତୁଷ୍ଟ କରାଇ "ଏକାକ୍ଷର ଶବ୍ଦ ଜ୍ଞାନ" ଉପଲବ୍ଧି କରିବାପାଇଁ ପ୍ରାର୍ଥନା କଲେ ।

ଶିଷ୍ୟ ସେବାରେ ହୋଇ ପ୍ରୀତ ।
ଗୁରୁ କହିଲେ ଶୁଣ ସୁତ ॥
ବବୃଧ କୁଣ୍ଡଳିନୀ ଭେଦ ।
କରି ପାରିଲେ ହେବୁ ସିଦ୍ଧ ॥
ଏକାକ୍ଷରରେ କଲେ ଧ୍ୟାନ ।
ପାଇବୁ ତା'ର ଶବ୍ଦ ଜ୍ଞାନ ॥

ଶିଷ୍ୟର ନିଷ୍ଠା, ଏକାଗ୍ରତା ଓ ସେବାରେ ସନ୍ତୁଷ୍ଟ ହୋଇ ଗୁରୁ ଚତୁରାନନ କହିଲେ, ତୁ ଯଦି ବବୃଧ କୁଣ୍ଡଳିନୀ ସାଧନ କରି ପାରିବୁ, ତେବେ ଏକାକ୍ଷରଙ୍କୁ ଧ୍ୟାନ କଲେ ଏକାକ୍ଷର ଶବ୍ଦ ଜ୍ଞାନ ଅନୁଭବ କରିପାରିବୁ ।

ସାଧନ ସୂତ୍ର ତୁହି ନିଅ ।
ନୈମିଶ୍ୟା ଅରଣ୍ୟକୁ ଯାଅ ॥
ସେଠାରେ ରହି ତପ କର ।
ବ୍ରହ୍ମଙ୍କୁ ଏକାକ୍ଷରେ ବର ॥

ଗୁରୁ ଚତୁରାନନ ଶିଷ୍ୟ କହୁଲ୍ୟଭଟ୍ଟଙ୍କୁ ସାଧନ ସୂତ୍ର ଦେଇ ନିର୍ଦ୍ଦେଶ ଦେଲେ ନୈମିଶ୍ୟା ଅରଣ୍ୟକୁ ଯାଇ ସେଠାରେ ବ୍ରହ୍ମଙ୍କୁ ଏକାକ୍ଷର ସୂତ୍ରରେ ବରଣ କରି ସାଧନ ଆରମ୍ଭ କର । ଶେଷରେ ତୋର ଅଭିଷ୍ଟ ପୂର୍ଣ୍ଣ ହେବ ।

ଗୁରୁ ଆଜ୍ଞାକୁ ଶିରେ ତୋଳି ।
ସାଧନେ ଶିଷ୍ୟ ଗଲେ ଚଳି ॥
ନୈମିଶ୍ୟା ଅରଣ୍ୟର ପଥେ ।
ଅବଶ ହୋଇ ଯୋଗୀ କ୍ଳାନ୍ତେ ॥
ଏକ ଅଶ୍ୱତ୍ଥ ବୃକ୍ଷ ମୂଳେ ।
ଶାନ୍ତିରେ ଯୋଗୀ ନିଦ୍ରାଗଲେ ॥

ଏ ବେଳେ ଦେବ ସଚିପତି ।
ଚିନ୍ତିଲେ ପରଖିବେ ଯତି ॥
ବୈଷ୍ଣବୀ ମଣ୍ଡଳର ପରୀ ।
ଯୋଗଦତ୍ତ ସେ ଅପସରୀ ॥
ତାଙ୍କୁ ପେଶିଲେ ଯୋଗୀପାଶେ ।
ଚଳିଲେ ପରୀ ଛଦ୍ମବେଶେ ॥
ଯୋଗନିଦ୍ରାରେ ଥିବା ବେଳେ ।
ତିନୋଟି ପ୍ରଶ୍ନ ତାଙ୍କୁ କଲେ ॥

ଗୁରୁଙ୍କ ଆଦେଶ ଓ ନିର୍ଦ୍ଦେଶ ଗ୍ରହଣ କରି କନ୍ଦୁଲ୍ୟ ବିଦାୟ ନେଲେ । ନୈମିଶ୍ୟା ଅରଣ୍ୟ ଲକ୍ଷ୍ୟରେ କିଛି ପଥ ଅତିକ୍ରମ କଲାପରେ କ୍ଳାନ୍ତ ହୋଇ ପଥପ୍ରାନ୍ତସ୍ଥ ଏକ ଅଶ୍ୱତ୍ଥ ବୃକ୍ଷ ମୂଳରେ ବିଶ୍ରାମ ଚିନ୍ତା କରି ନିଦ୍ରାଗଲେ । ଏହି ନିଦ୍ରା ତାଙ୍କର ଯୋଗନିଦ୍ରାରେ ରୂପାନ୍ତରିତ ହୋଇଗଲା । ଏହି ସମୟରେ ଇନ୍ଦ୍ର ଯୋଗୀଙ୍କର ଜ୍ଞାନ ପରୀକ୍ଷା ନେଇ ତାଙ୍କ ଜ୍ଞାନର ଗଭୀରତା ଉପଲବ୍ଧି କରିବାକୁ ଇଚ୍ଛା କଲେ । ବୈଷ୍ଣବୀ ମଣ୍ଡଳରେ ଯୋଗଦତ୍ତ ପରୀଙ୍କୁ ପରୀକ୍ଷା କରିବାକୁ ଯୋଗୀଙ୍କ ନିକଟକୁ ପଠାଇଲେ । ପରୀ କନ୍ଦୁଲ୍ୟଙ୍କୁ ତିନିଗୋଟି ପ୍ରଶ୍ନ କଲେ ।

ପରୀ ପଚାରେ ଯୋଗୀବର ।
ସନ୍ଦେହ ମୋର ଦୂରକର ॥
କୁହ ଶବ୍ଦର ସୃଷ୍ଟି ମର୍ମ ।
ନାଦର ବୈବର୍ତ୍ତକ କର୍ମ ॥
ବିନ୍ଦୁ ବ୍ରହ୍ମର ସହସ୍ରକ ।
ସ୍ଥଳଟି ରଖ ଗୁରୁଟେକ ॥

ପରୀ କନ୍ଦୁଲ୍ୟଙ୍କୁ ତିନିଗୋଟି ପ୍ରଶ୍ନ ପଚାରିଲେ । ପ୍ରଥମ ପ୍ରଶ୍ନ: ଶବ୍ଦର ସୃଷ୍ଟି କିପରି ହେଲା ? ଦ୍ୱିତୀୟ ପ୍ରଶ୍ନ : ନାଦର ବୈବର୍ତ୍ତକ କର୍ମ କଣ ? ତୃତୀୟ ପ୍ରଶ୍ନ : ବିନ୍ଦୁବ୍ରହ୍ମର ସହସ୍ରକ ସ୍ଥଳ କିଏ ?

ପରୀର ତତ୍ତ୍ୱ ପ୍ରଶ୍ନ ଶୁଣି ।
କନ୍ଦୁଲ୍ୟ ମନେ ହେଲେ ଗୁଣି ॥

ଏ କି ଆଚମ୍ୱିତ ହୋଇଲା ।
ସାଧନ ପଥେ କଣ୍ଟା ହେଲା ॥
ବ୍ୟାକୁଳେ ଗୁରୁଙ୍କୁ ଚିନ୍ତିଲେ ।
ସଙ୍କଟୁ ମୋତେ ରଖ ହେଳେ ॥
ଅଜ୍ଞାନ ବାଳୁତ ଅଟଇ ।
ଶବ୍ଦ ତତ୍ତ୍ୱର ଜ୍ଞାନ ନାହିଁ ॥
କିପରି ଉତ୍ତର ଦେବଇଁ ।
ପରୀ ସନ୍ତୁଷ୍ଟ କରିବଇଁ ॥

ପରୀର ପ୍ରଶ୍ନରେ ବିଚଳିତ ହୋଇ କହ୍ନୁଲ୍ୟ ବ୍ୟାକୁଳରେ ଗୁରୁ ଚତୁରାନନଙ୍କୁ ସ୍ମରଣ କରି ପ୍ରାର୍ଥନା କରିବାକୁ ଲାଗିଲେ । ପରୀର ଉତ୍ତର କିପରି ଦେବେ ତାର ପଥ ଦେଖାଇ ଦେବାପାଇଁ ବାରମ୍ବାର ଆକୁଳ ହୋଇ ଡାକିଲେ ।

ଶିଷ୍ୟର ଆକୁଳ କ୍ରନ୍ଦନ ।
ଟହଲିଗଲା ଗୁରୁମନ ॥
ସମାଧି ଆସନେ ବସିଲେ ।
ପରାପଥକୁ ସ୍ପର୍ଶ କଲେ ॥
ଶିଷ୍ୟର ଚେତା ଘଟ ନେଇ ।
ସୂକ୍ଷ୍ମରେ ଦେଲେ ସେ ମିଶାଇ ॥
ଚୈତନ୍ୟ ଉଦୟ ହୋଇଲା ।
ଚେତାରେ ଉତ୍ତର ଦିଶିଲା ।
ଦୁଇ ଆଣ୍ଠୁକୁ ତଳେ ମାଡ଼ି ।
ବିନୟେ ଦୁଇ କର ଯୋଡ଼ି ॥
କହିଲେ ଦେବୀ ସ୍ୱର୍ଗ ପରୀ ।
ତୁମ ପ୍ରଶ୍ନକୁ ନୁହେଁ ସରି ॥
ଅବୋଧ ଅଜ୍ଞାନ ବାଳକ ।
ସରଳ ମତି ନାହିଁ ଭେକ ॥
ଗୁରୁ କୃପାରୁ ଯାହା ପାଏ ।
ତା ମୁଁ ତୁମ ଆଗେ କହେ ॥

ଦୋଷ ମୋହର ନ ଧରିବ ।
ଅପରାଧକୁ କ୍ଷମା ଦେବ ॥

ଶିଷ୍ୟ କନ୍ଦୁଲ୍ୟଭଟ୍ଟଙ୍କ ଅସହାୟ ଅବସ୍ଥାର ଆକୁଳ କ୍ରନ୍ଦନରେ ଗୁରୁ ଚତୁରାନନ ତରଳି ଗଲେ । ନିଜେ ସମାଧିସ୍ଥ ହୋଇ ଯୋଗକ୍ରିୟା ମାଧ୍ୟମରେ ପରାପଥକୁ ସ୍ପର୍ଶ କରି ଜ୍ଞାନ ମଣ୍ଡଳ ସହ କନ୍ଦୁଲ୍ୟଙ୍କର ଚେତାଘଟକୁ ଯୁକ୍ତ କରିଦେଲେ । ଫଳରେ ଶିଷ୍ୟ କନ୍ଦୁଲ୍ୟଙ୍କର ଚୈତନ୍ୟ ଜାଗ୍ରତ ହୋଇଗଲା ଓ ଚେତାରେ ସେ ପରୀ ପ୍ରଶ୍ନର ସମସ୍ତ ଉତ୍ତର ଦର୍ଶନ ମାଧ୍ୟମରେ ଅନୁଭବ କରିଗଲେ । ଏହାପରେ ଦୁଇ ଆଣ୍ଠୁ ମାଡ଼ି, କରଯୋଡ଼ି ଅତି ବିନୟ ହୋଇ ସେ ପରୀଙ୍କୁ କହିଲେ, "ହେ ଦେବୀ ! ମୁଁ ଅଜ୍ଞାନ, ଅବୋଧ, ସରଳମତି ବାଳକ । ତୁମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିନି ନାହିଁ । ଗୁରୁପ୍ରଦତ୍ତ କୃପାନେତ୍ରରେ ଯାହା ଦର୍ଶନ କରୁଛି ତାହାହିଁ କହୁଛି । ମୋର ଦୋଷାଦୋଷ ଧରିବ ନାହିଁ । ସମସ୍ତ ଅପରାଧ କ୍ଷମା କରି ଦେବ । ତୁମ ପ୍ରଶ୍ନର ଉତ୍ତର ଯାହା ଦେଖୁଛି ଶୁଣ" :

ଅବ୍ୟକ୍ତେ ନିଶଢକ ରର୍ଣ୍ଣା ।
ନାମରେ ଗେରୁ ନୀଳ ବର୍ଣ୍ଣା ॥
ନିଷ୍କ୍ରିୟ ହୋଇ "ଶଢ" ଥିଲା ।
ଅବ୍ୟକ୍ତ ବ୍ରହ୍ମ ଆଜ୍ଞା ହେଲା ॥
ମୁଖରେ ଧୂମ୍ର ରଙ୍ଗ ହୋଇ ।
ରହିଲା ବ୍ରହ୍ମ ଆଜ୍ଞା ଚାହିଁ ॥

ଅବ୍ୟକ୍ତ ମଣ୍ଡଳରେ "ଶବ୍ଦ"ର ନାମ ହେଉଛି "ନିଶବ୍ଦକ ରର୍ଣ୍ଣା" । ଏହା ସେଠାରେ ନିଷ୍କ୍ରିୟ ହୋଇ ଥିଲା । ଏହି ଅବସ୍ଥା ଅବ୍ୟକ୍ତ ବ୍ରହ୍ମଙ୍କର ଆଜ୍ଞା, ଆଦେଶ ନାମରେ ନାମିତ ହେଲା । ସେହି ଆଜ୍ଞାରେ ଶବ୍ଦ ସହ ନାଦ, ବିନ୍ଦୁ ଯୁକ୍ତ ହୋଇ ଗୈରିକ ବର୍ଣ୍ଣର ଗୁଚ୍ଛ, ଓ ନିଳବର୍ଣ୍ଣର ଗୁଚ୍ଛ ଆକାର ଧାରଣ କରିଲା । ପରବର୍ତ୍ତୀ ଅବସ୍ଥାରେ ସେହି ବ୍ରହ୍ମଙ୍କର ଆଜ୍ଞାରେ ଅବ୍ୟକ୍ତର ମୁଖରେ ଧୂସର ବର୍ଣ୍ଣ ଧାରଣ କରି ବ୍ରହ୍ମଙ୍କ ଆଦେଶ ଅପେକ୍ଷା କରି ରହିଗଲା ।

ସୃଷ୍ଟିର ସୃଜନେ "ଓଁ" କାର ।
ଶକ୍ତିରେ ସୃଷ୍ଟି ମୂଳାଧାର ॥
ଅବ୍ୟକ୍ତ ନିଜ ଇଚ୍ଛା ନେଇ ।
ଆସିଲେ ବ୍ୟକ୍ତ ରୂପ ହୋଇ ॥

"ଓଁ" କାର ମଧ୍ୟରେ ରହିଲେ ।
ତିନି ତତ୍ତ୍ୱକୁ ସୃଷ୍ଟି କଲେ ॥
ଶବଦ, ନାଦ, ବିନ୍ଦୁ ହେଲା ।
ତ୍ରିସୂତ୍ରେ "ଓଁ" କାରେ ରହିଲା ॥

ସୃଷ୍ଟି ନିର୍ମାଣ ପାଇଁ ଏହାର ଆଦି ବୀଜ ପ୍ରଣବ "ଓଁ" କାର ସୃଷ୍ଟି ହୋଇ ଏଥିରେ ମୂଳାଧାର କୋଷ ଶକ୍ତି ପୂର୍ଣ୍ଣ କରାଗଲା । ଏହାପରେ ଅବ୍ୟକ୍ତ ବ୍ରହ୍ମ ନିଜ ଇଚ୍ଛାରେ ବ୍ୟକ୍ତ ବ୍ରହ୍ମ ହୋଇ ସୃଜନ ହେଲେ ଓ ମୂଳାଧାର କୋଷ ମଧ୍ୟରେ ଓଁକାର ଭିତରେ ରହିଲେ । ଶବ୍ଦ, ନାଦ ଓ ବିନ୍ଦୁ ଏହି ତିନି ତତ୍ତ୍ୱକୁ ସୃଷ୍ଟି କରି ଓଁ କାରରେ ସୂକ୍ଷ୍ମରେ ସ୍ଥାପନ କଲେ ।

ତିନି ତତ୍ତ୍ୱରୁ "ନାଦ ବିନ୍ଦୁ" ।
ଅବ୍ୟକ୍ତେ ହରିଦ୍ରାର ଇନ୍ଦୁ ॥
ଏହାକୁ ବ୍ୟକ୍ତ କରାଇଲେ ।
ହରିଦ୍ରା, ନୀଳ, ଶୁଭ୍ର କଲେ ॥
ସୃଜନ ପରେ ସ୍ଥିତି ପାଇଁ ।
ସୃଜିଲେ ଏକ କୋଷ ସାଇଁ ॥
ନାଦ, ବିନ୍ଦୁର ସୂକ୍ଷ୍ମ ସତ୍ତା ।
ସୂକ୍ଷ୍ମାତି ସୂକ୍ଷ୍ମର ଅବସ୍ଥା ॥
ଏହି କୋଷରେ ସାଇତିଲେ ।
କୋଷର ନାମ ଶବ୍ଦ ଦେଲେ ॥

ଉପରୋକ୍ତ ତିନି ତତ୍ତ୍ୱ ମଧ୍ୟରୁ 'ନାଦ, ବିନ୍ଦୁ' ଅବ୍ୟକ୍ତରେ ହରିଦ୍ରାବର୍ଣ୍ଣ ଧାରଣ କରି ରହିଥିଲା । ଅବ୍ୟକ୍ତ ବ୍ରହ୍ମଙ୍କ ଆଜ୍ଞାରେ ଏହା ବ୍ୟକ୍ତ ହୋଇ ହଳଦୀ, ନୀଳ ଓ ଧବଳ ବର୍ଣ୍ଣ ଧାରଣ କଲା । ଏହାର ସୂକ୍ଷ୍ମାତି ସୂକ୍ଷ୍ମ ଗୁଣସୂତ୍ରକୁ ସ୍ଥାପନ କରିବା ପାଇଁ ଏକ କୋଷ ନିର୍ମାଣ କରାଗଲା । ଏହି କୋଷର ନାମ ଶବ୍ଦ । ଉକ୍ତ ଶବ୍ଦକୋଷରେ ବ୍ୟକ୍ତ ନାଦ, ବିନ୍ଦୁ ସ୍ଥାପିତ ହେଲା ।

ଶବ୍ଦକୁ ଅବ୍ୟକ୍ତ ମୁଖରୁ ।
ସୂକ୍ଷ୍ମେ ଆଣିଲେ କଳ୍ପତରୁ ॥
ନାଦବିନ୍ଦୁରେ ଯୁକ୍ତ କଲେ ।
କୋଷ ମଧ୍ୟରେ ଥାପି ଦେଲେ ॥

"ବିବୃଧାନ୍ନି" ବ୍ରହ୍ମର ରୂପେ ।
ଶଗଡ଼ ଚକର ସ୍ୱରୂପେ ।।
ଶୂନ୍ୟରେ ନୀଳବର୍ଣ୍ଣ ହୋଇ ।
ଘୂରିଲା "ଶବ୍ଦ" ଆଜ୍ଞା ପାଇ ।।

ପୂର୍ବରୁ ସୂଚିତ ହୋଇଛି ଅବ୍ୟକ୍ତ ବ୍ରହ୍ମଙ୍କ ପରବର୍ତ୍ତୀ ଆଜ୍ଞାକୁ ଅପେକ୍ଷା କରି ନିଷ୍କ୍ରିୟ ଭାବରେ "ଶବ୍ଦ" ଧୂସର ବର୍ଣ୍ଣ ଧାରଣ କରି ଅବ୍ୟକ୍ତର ମୁଖରେ ରହିଅଛି । ଓଁ କାର ଏବଂ ତନ୍ମଧ୍ୟରେ ଶବ୍ଦ କୋଷ ନିର୍ମାଣ ହେବାପରେ ଅବ୍ୟକ୍ତ ବ୍ରହ୍ମ "ଶବ୍ଦ"କୁ ସୂକ୍ଷ୍ମରେ ମୁଖରୁ ଆଣି ଏହି ନୂତନ କୋଷ ମଧ୍ୟରେ ପ୍ରବେଶ କରାଇଦେଲେ । ଏହାପରେ ତାଙ୍କରି ଆଦେଶରେ "ଶବ୍ଦ" "ବିବୃଧାନ୍ନି" ବ୍ରହ୍ମର ରୂପ ନେଇ ଶଗଡ଼ ଚକ ଭଳି ନୀଳ ବର୍ଣ୍ଣ ଆକାର ଧାରଣ କରି ଶୂନ୍ୟ ମାର୍ଗରେ ଘୂର୍ଣ୍ଣନ କଲା ।

ଘୂର୍ଣ୍ଣନେ "ହୁଁ" କାର ଶବଦ ।
ସୃଜିଲେ ପ୍ରଭୁ ପଦ୍ମପାଦ ।।
"ହୁଁ" କାରେ ବିଷ୍ଣୁ ବ୍ରହ୍ମଶକ୍ତି ।
"ଶକଟକ" ନାମରେ ସ୍ଥିତି ।।
"ନିୟୋତ୍ରୀ" କୋଷେ ପୂର୍ଣ୍ଣ ହେଲା ।
ପାଞ୍ଚଲକ୍ଷେ ଆଠ ମିଶିଲା ।।
ତହିଁରୁ କିଛି ଅଂଶ ନେଇ ।
ବ୍ରହ୍ମାଙ୍କୁ ଦେଲେ ବ୍ରହ୍ମ ସାଇଁ ।।
ବ୍ରହ୍ମା ବର୍ତ୍ତୁଳ ଆକାରରେ ।
ରଖିଲେ "ନିଶବ୍ଦ" ବ୍ରହ୍ମରେ ।।
ଗୈରିକ ବର୍ଣ୍ଣରେ ଲୁଚାଇ ।
ରହିଲେ ଆଦେଶକୁ ଚାହିଁ ।।
ଶବ୍ଦ ସୃଷ୍ଟିର ଏହି ସୂତ୍ର ।
ପ୍ରଥମ ପ୍ରଶ୍ନର ଉତ୍ତର ।।

ବ୍ରହ୍ମ ଆଜ୍ଞାରେ "ଶବ୍ଦବ୍ରହ୍ମ" ଯେତେବେଳେ ଘୂର୍ଣ୍ଣାୟମାନ ଅବସ୍ଥାରେ ଥିଲା, ସେତେବେଳେ ପ୍ରଥମଥର ପାଇଁ ତାହାର ନିଷ୍କ୍ରିୟତାର ସମାପ୍ତି ଘଟାଇ ତାକୁ ସ୍ଥୂଳ ଅବସ୍ଥା ପ୍ରାପ୍ତ କରାଇଲେ । ଏହି ସ୍ଥୂଳ ଅବସ୍ଥା "ହୁଁ" କାର ଶବ୍ଦରେ ସୃଷ୍ଟି ହେଲା । ଉକ୍ତ "ହୁଁ"

କାର ଶବ୍ଦ ମଧ୍ୟରେ ବିଷ୍ଣୁଙ୍କର ବ୍ରହ୍ମଶକ୍ତି ରୋପିତ ହେବାପାଇଁ ପାଞ୍ଚଲକ୍ଷ ଆଠଟି କୋଷ ନିର୍ମିତ ହୋଇଗଲା ଓ କୋଷ ଗୁଡିକ ନିୟୋନ୍ତ୍ରି କୋଷ ନାମରେ ନାମିତ ହେଲା । ବ୍ରହ୍ମଶକ୍ତିକୁ ଏହି ନିୟନ୍ତ୍ରୀ କୋଷ ସମୂହରେ ଠୁଳ କରାଗଲା । ଏହାପରେ ଉକ୍ତ ନିୟନ୍ତ୍ରୀ କୋଷରୁ କିୟଦଂଶ "ହୁଁ" କାର ସହ ବ୍ରହ୍ମାଙ୍କ ନିକଟକୁ ପ୍ରେରଣ କରାଗଲା । ବ୍ରହ୍ମା ତାହାକୁ ବର୍ତ୍ତୁଳାକାର କରି "ନିଶବ୍ଦ" ବ୍ରହ୍ମରେ ଗୈରିକ ରୂପ ଦେଇ ଲୁଚାଇ ରଖିଲେ ଓ ଅବ୍ୟକ୍ତଙ୍କ ପରବର୍ତ୍ତୀ ଆଜ୍ଞା, ଆଦେଶକୁ ଅପେକ୍ଷା କରି ରହିଲେ । ହେ ପୂଜନୀୟା ସ୍ୱର୍ଗପରୀ ! ଏହାହିଁ ଶବ୍ଦ ସୃଷ୍ଟିର ରହସ୍ୟ ଓ ତୁମ ପ୍ରଥମ ପ୍ରଶ୍ନର ଉତ୍ତର ।

**ଦେଖି କନ୍ଦୁଲ୍ୟ ଜ୍ଞାନାଲୋକ ।**
ସ୍ତମ୍ଭିତ ହେଲେ ଦେବଲୋକ ॥
ପରୀ ଅତ୍ୟନ୍ତ ପ୍ରୀତ ହେଲେ ।
ଭକ୍ତିରେ ତାଙ୍କୁ ପ୍ରଣମିଲେ ॥
କହିଲେ ଆହେ ଜ୍ଞାନୀବର ।
**ପାଇଲି ପ୍ରଶ୍ନର ଉତ୍ତର ॥**
ତଥାପି ମନ ବୁଝେ ନାହିଁ ।
ଅଧିକ ଜାଣିବାର ପାଇଁ ॥
**କରୁଛି ମିନତି ତୁମକୁ ।**
**ବୁଝାଇ କୁହ ଏ ପରୀକୁ ॥**
କାହିଁକି ଶବ୍ଦ ସୃଷ୍ଟି ହେଲା ।
କିପରି ଏହା ବିସ୍ତରିଲା ॥

କନ୍ଦୁଲ୍ୟଙ୍କ ନିକଟରୁ ଶବ୍ଦ ସୃଷ୍ଟି ରହସ୍ୟ ଶ୍ରବଣ କରି କେବଳ ପରୀ ନୁହେଁ, **ପରୀକୁ ପରୀକ୍ଷା ପାଇଁ ପଠାଇଥିବା ଇନ୍ଦ୍ରଙ୍କ ସମେତ ସମସ୍ତ ଦେବଲୋକ ଚମତ୍କୃତ** ହୋଇଗଲେ ଓ କନ୍ଦୁଲ୍ୟଙ୍କୁ ଆଶିଷ ପ୍ରଦାନ କଲେ । ଏହାପରେ ପରୀ ଭକ୍ତିଭାବରେ କନ୍ଦୁଲ୍ୟଙ୍କୁ ପ୍ରଣାମ କରି ପଚାରିଲେ "ହେ ଜ୍ଞାନୀପ୍ରବର ! ଅବ୍ୟକ୍ତ ବ୍ରହ୍ମ ଶବ୍ଦ କାହିଁକି ସୃଷ୍ଟି କଲେ ଓ ଏହା କେଉଁ ପ୍ରକ୍ରିୟାରେ ସୃଷ୍ଟିରେ ବିସ୍ତାରିତ ହେଲା ତାହା ବୁଝାଇ କୁହନ୍ତୁ ।"

ପ୍ରଣମି ଶ୍ରୀଗୁରୁ ଚରଣ ।
କନ୍ଦୁଲ୍ୟ କଲେ ନିରିକ୍ଷଣ ॥

ଦେଖିଲେ ଗୋଲୋକ ବିହାରୀ ।
ସିଂହାସନରେ ବିଜେ କରି ॥
କରନ୍ତି ସୃଷ୍ଟିର ବିଚାର ।
ପାର୍ଶ୍ୱେ ନାରଦ ମୁନିବର ॥
ସଙ୍ଗତେ ମହାଲକ୍ଷ୍ମୀ ମାତା ।
ଅପୂର୍ବ ଜ୍ୟୋତିରେ ସମ୍ଭୃତା ॥
ଲକ୍ଷ୍ମୀ ପୁଛନ୍ତି ହେ ନାରଦ ।
ସୃଷ୍ଟିରେ ହୁଏ ପରମାଦ ॥
ଜୀବ, ଜଗତ ସୃଷ୍ଟି ହେଲା ।
ସୌନ୍ଦର୍ଯ୍ୟ [illegible]ର କାହିଁଗଲା ?
ମର୍ତ୍ତ୍ୟରେ ଯେତେ ଜୀବ ଗଲେ ।
ସ୍ଥାଣୁତ୍ୱ ନେଇ ଜଡ ହେଲେ ॥
ବଚନ ତାଙ୍କ ସୃଜି ନାହିଁ ।
ଠାରରେ ହୁନ୍ତି କୁହାକୁହି ॥
ଏମନ୍ତ ଯଦି ଲାଗିରହେ ।
ସୃଷ୍ଟି ବିକାଶ କେଭେ ନୁହେଁ ॥
ଏ ରୂପ ଅସୁନ୍ଦର ଦିଶେ ।
ଉପାୟ କିଛି କର ତୋଷେ ॥

ପରୀଙ୍କର ପ୍ରଥମ ପ୍ରଶ୍ନୋତ୍ତର ପରେ ସହପ୍ରଶ୍ନର ଉତ୍ତର ପାଇଁ ଶ୍ରୀଗୁରୁ ଚରଣ ବନ୍ଦନା କରି କନ୍ଦୁଲ୍ୟ ପୁନଶ୍ଚ ଚେତା ମଣ୍ଡଳକୁ ଦୃଷ୍ଟି ଦେଲେ ଓ ଦେଖିଲେ, ଗୋଲୋକ ବିହାରୀ, ମାତା ମହାଲକ୍ଷ୍ମୀ ଓ ଭକ୍ତ ପ୍ରବର ଦେବର୍ଷି ନାରଦଙ୍କ ସହ ସୃଷ୍ଟିପାଇଁ ବିଚାର ବିମର୍ଷ କରୁଛନ୍ତି । ଏହି ସମୟରେ ମାଆ ଲକ୍ଷ୍ମୀ ନାରଦଙ୍କୁ କହିଲେ , "ନାରଦ" ସୃଷ୍ଟି ନିର୍ମିତ ହୋଇ ଜୀବ ଜଗତ ସୃଜନ କରିଦିଆଗଲା । କିନ୍ତୁ ସମସ୍ତ ଜୀବ ସ୍ଥାଣୁ ହୋଇ ଜଡତ୍ୱ ପ୍ରାପ୍ତି ହୋଇଛନ୍ତି । ହଲଚଲ ଅବସ୍ଥା ନାହିଁ । ବାକ୍‌ଶକ୍ତି ନାହିଁ । ବଚନ ନାହିଁ । ନରନାରୀ, ପଶୁପକ୍ଷୀ ସମସ୍ତେ କେବଳ ଠାର ମାଧ୍ୟମରେ ଭାବର ଆଦାନ ପ୍ରଦାନ କରୁଛନ୍ତି । ବ୍ରହ୍ମରୁ ସୃଷ୍ଟି ହୋଇ ଯେଉଁ ଅବସ୍ଥା ମଧ୍ୟ ଦେଇ ଗତି କରୁଛନ୍ତି ତାହା ସୁନ୍ଦର ଦିଶୁନାହିଁ । ଯଦି ଏହି ଅବସ୍ଥା ଲାଗିରହେ ତେବେ ସୃଷ୍ଟି ବିକାଶ ଆଦୌ ସମ୍ଭବ ନୁହେଁ । ତେଣୁ ଏହାର ପ୍ରତିକାର କରି ଜୀବମାନଙ୍କୁ ସକ୍ରିୟ କରିବା ପାଇଁ କିଛି ଉପାୟ ଚିନ୍ତା କର ॥"

ମାତାଙ୍କ ମୁଖୁଁ ଶୁଣି ଏହା ।
ଋଷି ଚିନ୍ତିଲେ ବ୍ରହ୍ମ ରାହା ॥
ଶ୍ରୀବିଷ୍ଣୁ ଚରଣ ବନ୍ଦିଲେ ।
ସୃଷ୍ଟି ଅବସ୍ଥା ପ୍ରକାଶିଲେ ॥
ଭୋ ନାଥ ! ପରମ ପୁରୁଷ ।
ତୁମେ ତ ପ୍ରଭୁ ଜୀବ ଈଶ ॥
ଏମନ୍ତ କାହିଁ କର ସ୍ୱାମୀ ।
ଜୀବ ହୁଅନ୍ତି ଅଧୋଗାମୀ ॥
ଏଥକୁ ଉପାୟ କରନ୍ତୁ ।
ସୃଷ୍ଟିକୁ ସୌନ୍ଦର୍ଯ୍ୟ ଦିଅନ୍ତୁ ॥

ମାତା ମହାଲକ୍ଷ୍ମୀଙ୍କ ଠାରୁ ଶୁଣିବା ପରେ ଦେବର୍ଷି ନାରଦ ଶ୍ରୀ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ, ପ୍ରଭୁ ! ଏହାର କିଛି ଉପାୟ କରନ୍ତୁ । ନଚେତ୍ ସୃଷ୍ଟିର ସୌନ୍ଦର୍ଯ୍ୟ ଆସିବ ନାହିଁ । ବିକଶିତ ହେବନାହିଁ । ଜୀବମାନଙ୍କ ଜଡ଼ତ୍ୱ, ସ୍ଥାଣୁତ୍ୱ ଯୋଗୁଁ ସୃଷ୍ଟି ନିର୍ମାଣର ଯଥାର୍ଥତା ରହିବ ନାହିଁ ।

ମାତା ପୁତ୍ରଙ୍କ କଥା ଶୁଣି ।
ମୃଦୁ ହସରେ ବେଣୁପାଣି ॥
କହିଲେ, ଜାଣିଛି ମୁଁ ଏହା ।
ସୃଷ୍ଟିର ବିଚିତ୍ରତା ତାହା ॥
ପଞ୍ଚବିଂଶତି ତତ୍ତ୍ୱ ନେଇ ।
ପିଣ୍ଡ ବ୍ରହ୍ମାଣ୍ଡ ସୃଷ୍ଟି ହୋଇ ॥
ଜୀବ ଜଗତ ପଠାଗଲା ।
ଅଭାବ କେଉଁଠି ରହିଲା ?
ଶୁଣ ହେ ଦେବର୍ଷି ନାରଦ ।
ଜୀବରେ ନାହିଁ ବ୍ରହ୍ମନାଦ ॥
ଶବଦ ପିଣ୍ଡରେ ତ ନାହିଁ ।
ବଚନ ଆସିବ ବା କାହିଁ ?

ସେ ପାଇଁ ଶବ୍ଦ ନାଦ ସୃଷ୍ଟି ।
ସୂକ୍ଷ୍ମେ ରଖନ୍ତି ପରମେଷ୍ଟି ॥
ଯାଗ, ଯଜ୍ଞକୁ ଶ୍ରେଷ୍ଠ କରି ।
ରହିଲେ ତପକୁ ଆଚରି ॥
ନିଶବ୍ଦ ବ୍ରହ୍ମରୁ ଶବଦ ।
ଖସିବ ଯିବ ପରମାଦ ॥
ତେଣୁ ହେ ଦେବର୍ଷି ନାରଦ ।
ମର୍ତ୍ତ୍ୟ ମଣ୍ଡଳ ଯାଇ ଭେଦ ॥
ସଙ୍ଗତେ ମାନସ ସନ୍ତାନ ।
ନେଇ ଯଜ୍ଞରେ ଦିଅ ମନ ॥

ମାତା ମହାଲକ୍ଷ୍ମୀ ଓ ପୁତ୍ର ନାରଦଙ୍କ କଥା ଶୁଣି ପ୍ରଭୁ ହସିଦେଲେ । କହିଲେ, ଏହାହିଁ ସୃଷ୍ଟିର ବିଚିତ୍ରତା ଅଟେ । ପଞ୍ଚବିଂଶତି ତତ୍ତ୍ୱରେ ପିଣ୍ଡ ନିର୍ମାଣ ହୋଇଛି । କିନ୍ତୁ ଶବ୍ଦ, ନାଦ ପିଣ୍ଡରେ ରୋପଣ କରାଯାଇ ନାହିଁ । ବାକ୍‌ଶକ୍ତି, ବଚନ କେଉଁଠୁ ଆସିବ ? ତୁମେମାନେ ଏକଥା ଚିନ୍ତା କରିବା ପୂର୍ବରୁ ଏହି ଅଭାବ ବିଚାରକୁ ନେଇ ଶବ୍ଦ, ନାଦ ସୃଷ୍ଟି ହୋଇ ସାରିଛି । ବ୍ରହ୍ମା ତାହାକୁ ନିଶବ୍ଦ ବ୍ରହ୍ମରେ ଲୁଚାଇ ରଖିଛନ୍ତି । କେବଳ ଯାଗ, ଯଜ୍ଞ ମାଧମରେ ଏହି ସୂତ୍ର ଧରାଧାମକୁ ଅବତରଣ ହେବ । ତେଣୁ ତୁମେ ନିଜେ ଶୂନ୍ୟସ୍ତରରୁ ବ୍ରହ୍ମମାନସ ସନ୍ତାନମାନଙ୍କୁ ନେଇ ମର୍ତ୍ତ୍ୟାଗମନ କର ଓ ସେଠାରେ ଯଜ୍ଞାନୁଷ୍ଠାନ କରି ଯଜ୍ଞପୁରୁଷଙ୍କ ମାଧମରେ ଏହି ସୂତ୍ରକୁ ମର୍ତ୍ତ୍ୟକୁ ଅବତରିତ କରାଅ । ତା ହେଲେ ଜୀବଜଗତ ସକ୍ରିୟ ହେବେ ।

ଶ୍ରୀମୁଖୁଁ ଆଜ୍ଞା ଲାଭ କରି ।
ନାରଦ ସଙ୍ଗେ ଋଷି ଧରି ॥
କରିଲେ ମର୍ତ୍ତ୍ୟକୁ ଗମନ ।
ଯଜ୍ଞର କଲେ ଆୟୋଜନ ॥
ଯଜ୍ଞରୁ ଶବ୍ଦ ସୃଷ୍ଟି ହେଲା ।
ମର୍ତ୍ତ୍ୟଧାମରେ ବ୍ୟାପିଗଲା ॥

ଏହାହିଁ ଶବ୍ଦର କାରଣ ।
ଧରିତ୍ରୀ କରିଲା ଧାରଣ ॥

ଶ୍ରୀବିଷ୍ଣୁଙ୍କ ଶ୍ରୀମୁଖରୁ ଆଜ୍ଞା ପ୍ରାପ୍ତ ହୋଇ ନାରଦ ଶୂନ୍ୟମଣ୍ଡଳୀୟ ଋଷିମାନଙ୍କୁ ନେଇ ମର୍ତ୍ତ୍ୟାଗମନ'' କଲେ । ସେଠାରେ ଋଷିମାନଙ୍କ ଦ୍ୱାରା ଯାଗ ଯଜ୍ଞ କରାଇ ''ଶବ୍ଦବ୍ରହ୍ମ''କୁ ବ୍ରହ୍ମାଙ୍କ ନିଶବ୍ଦ ବ୍ରହ୍ମ ମଣ୍ଡଳରୁ ଧରାପୃଷ୍ଠକୁ ଅବତରଣ କରାଇଲେ ଓ ଯଜ୍ଞ ପୁରୁଷଙ୍କ ଆଜ୍ଞାରେ ଶବ୍ଦ ବିସ୍ତାରିତ ହୋଇ ଧରିତ୍ରୀରେ ବ୍ୟାପକ ଆକାର ଧାରଣ କଲା । ହେ ବନ୍ଦନୀୟା ପରୀ ! ଶବ୍ଦ ସୃଷ୍ଟିର ଏହାହିଁ କାରଣ ଓ ବିସ୍ତାରିତ ହେବାର ମାଧ୍ୟମ ଅଟେ ।

ପୁନଶ୍ଚ କରଯୋଡ଼ି ପରୀ ।
କହିଲେ ଆହେ ତପୋଚାରୀ ॥
ଶବ୍ଦ ଆସିଲା ମର୍ତ୍ତ୍ୟଧାମେ ।
ମଥା ମୋ ଘୁରୁଅଛି ଭ୍ରମେ ॥
ମର୍ତ୍ତ୍ୟରେ ଶୂନ୍ୟରେ ରହିଲା ।
ଜୀବର କେଉଁ ଲାଭ ହେଲା ॥
ତା ପିଣ୍ଡ ବ୍ରହ୍ମାଣ୍ଡକୁ ଶବ୍ଦ ।
କିପରି ଗଲା କୁହ ଭେଦ ॥

ଶବ୍ଦର ଉତ୍ପତ୍ତି କାରଣ ଓ ମର୍ତ୍ତ୍ୟରେ ବିସ୍ତାରିତ ହେବାର ମାଧ୍ୟମ ଜାଣିବାପରେ ପରୀ ପୁନଶ୍ଚ ପ୍ରଶ୍ନ କଲେ, ''ହେ ତପୋଚାରୀ ! ଯଜ୍ଞ ମାଧ୍ୟମରେ ଶବ୍ଦ ମର୍ତ୍ତ୍ୟଧାମରେ ବିସ୍ତାରିତ ହୋଇଗଲା । କିନ୍ତୁ ଜୀବକୁ ସକ୍ରିୟ କରାଇବା ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିବା ଶବ୍ଦ ଜୀବର ପିଣ୍ଡ ମଧ୍ୟକୁ କିପରି ପ୍ରବେଶ କଲା, ତାହା ଦୟାକରି ବର୍ଣ୍ଣନା କରନ୍ତୁ ।

ଶୁଣି କନ୍ଦୁଲ୍ୟ ପରୀ କଥା ।
ଶ୍ରୀପଦେ ନୁଆଁଇଲେ ମଥା ॥
ଲଭିଲେ ଦିବ୍ୟ ଦରଶନ ।
ପରୀଙ୍କୁ କରିଲେ ବର୍ଣ୍ଣନ ॥

ବତ୍ରିଶ କଳ୍ପ ପରିଯନ୍ତେ ।
ଶବଦ ରହିଲେ ନିଶ୍ଚିନ୍ତେ ॥
ଯାଗ ଯଜ୍ଞର ପ୍ରଭାବରେ ।
ଶବ୍ଦ ଖସିଲେ ମର୍ତ୍ତ୍ୟପୁରେ ॥
ପିଣ୍ଡ ପାଳନ କର୍ତ୍ତା ବିଷ୍ଣୁ ।
ଅହେତୁ କ୍ରିୟାରେ ସହିଷ୍ଣୁ ॥
ମୁଖକୁ ଆଣି ଶବ୍ଦ ବ୍ରହ୍ମ ।
ନାଭି ଗୃହରେ ନାଲି ବର୍ଣ୍ଣ ॥
ଯୁଗକ୍ରିୟାର କ୍ରମ ନେଇ ।
ଜୀବ ପିଣ୍ଡରେ ଦେଲେ ଥୋଇ ॥
ଶ୍ରୀବିଷ୍ଣୁ ଗୋଲୋକ ବିହାରୀ ।
ତ୍ରିସୂତ୍ରୀ ଅହେତୁକୁ ସ୍ମରି ॥
ଏକତ୍ର କରି ତିନି ତତ୍ତ୍ୱ ।
ଜୀବର ବଢ଼ାନ୍ତି ମହତ୍ତ୍ୱ ॥
ଶବଦ ନାଦ ବିନ୍ଦୁ ପାଇ ।
ହେତୁ ଚଳନ ଯୁକ୍ତ ହୋଇ ॥
ସକ୍ରିୟ ହୋଇଗଲା ଜୀବ ।
କଟିଲା ତା'ର ପରାଭବ ॥
ପିଣ୍ଡେ ପ୍ରବେଶ ସୂତ୍ର ଏହି ।
ପରୀଙ୍କୁ ଯୋଗୀ ଦେଲେ କହି ॥

ପରୀଙ୍କର ପୁନର୍ବାର ପ୍ରଶ୍ନଟି ଶୁଣି କନ୍ଦୁଲ୍ୟ ଶ୍ରୀପଦ ଚିନ୍ତା କରି ଜୀବ ମଧ୍ୟରେ ଶବ୍ଦର ପ୍ରବେଶ ସୂତ୍ର ପ୍ରାର୍ଥନା କଲେ । ଦିବ୍ୟ ଦର୍ଶନ ମାଧ୍ୟମରେ ଦେଖିଲେ, ବ୍ରହ୍ମାଙ୍କ ନିଶବ୍ଦ ବ୍ରହ୍ମକୋଷରେ ଶବ୍ଦ ୩୨ କଳ୍ପ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିବା ପରେ ପିଣ୍ଡପାଳନ କର୍ତ୍ତା ବିଷ୍ଣୁ ଅହେତୁ କ୍ରିୟା ମାଧ୍ୟମରେ ଶବ୍ଦ, ନାଦ ଓ ବିନ୍ଦୁ ତ୍ରିସୂତ୍ରୀକୁ ଏକତ୍ର କରି ଯୁଗକ୍ରିୟାର

କ୍ରମ ଅନୁସାରେ ଜୀବର ପିଣ୍ଡ ମଧ୍ୟକୁ ପ୍ରବେଶ କରାଉଅଛନ୍ତି । ଏହି କ୍ରିୟା ସମାହିତ ହେବା ସମୟରେ ପୁନଶ୍ଚ ଦେଖିଲେ, ଶବ୍ଦ, ନାଦ ବିନ୍ଦୁ ଶଗଡ଼ଚକ ଧାରଣ ରୂପ ନେଇ କୁହୁଡ଼ି ପ୍ରାୟ କୁଣ୍ଡଳୀ ମଧ୍ୟରେ ପାଦଦେଶକୁ ଆସୁଅଛି । ତତ୍‌ପରେ ଆଜ୍ଞା, ଆଦେଶ ପ୍ରାପ୍ତ ହୋଇ ଏହା ନାଭିଗୃହକୁ ଲାଲବର୍ଣ୍ଣ ଧାରଣ କରି ପ୍ରବେଶ କରୁଛି ଓ ଶେଷରେ ମୁଖକୁ ଆସି ଗୋଲୋକ ବିହାରୀଙ୍କ ଆଜ୍ଞାନୁଯାୟୀ ସେହିଠାରୁ ବିସ୍ତାରିତ ହୋଇ ଜୀବପିଣ୍ଡ ମଧ୍ୟକୁ ପ୍ରବେଶ କରୁଛି ।

ପରୀ କହିଲେ ତପୋଧନ ।
ଆନନ୍ଦ ହୋଇଲା ମୋ ମନ ॥
ପ୍ରଥମ ପ୍ରଶ୍ନ ଶେଷ ହେଲା ।
ଦ୍ୱିତୀୟେ ମନ ମୋ ରହିଲା ॥
ତୁରନ୍ତ ଦିଅ ତା ଉତ୍ତର ।
ଚଳିବି ପୁରେ ମୁଁ ସତ୍ୱର ॥

ପ୍ରଥମ ପ୍ରଶ୍ନର ଉତ୍ତରରେ ସନ୍ତୁଷ୍ଟା ହୋଇ ପରୀ ଦ୍ୱିତୀୟ ପ୍ରଶ୍ନର ଉତ୍ତର ପାଇଁ କନ୍ଦୁଲ୍ୟଙ୍କୁ ଚେତାଇ ଦେଲେ ।

କନ୍ଦୁଲ୍ୟ କହିଲେ ଗୋ ପରୀ ।
ଯାହା ମୁଁ ପାଉଅଛି ସ୍ମରି ॥
ନାଦର ବୈବର୍ତ୍ତକ କର୍ମ ।
ଯାଗ ଯଜ୍ଞର ସାର ମର୍ମ ॥
ଅନାଦି ଚୈତନ ଶବଦ ।
ଆହ୍ୱତତ୍ତ୍ୱା ମଣ୍ଡଳ ଭେଦ ॥
ସପତ କନ୍ୟା ଜାତ ହେଲେ ।
ଏକାକ୍ଷର ବ୍ରହ୍ମ ଚିନ୍ତିଲେ ॥
ସପ୍ତକନ୍ୟାଙ୍କ ମଧ୍ୟେ ଦେବୀ ।
ଶବ୍ଦନାଦର ଅନୁଭବି ॥

ସୃର୍ଜୟନ୍ତା ତାଙ୍କର ନାମ ।
ଶବ୍ଦ ନାଦର କେନ୍ଦ୍ର ଧାମ ॥
ତତ୍ତ୍ୱରେ ମାୟାରୂପେ ରହି ।
ଶ୍ରୀବିଷ୍ଣୁ ପଦେ ଲୟ ଥାଇ ॥
ବ୍ରହ୍ମ ବୈବର୍ତ୍ତକ ମଣ୍ଡଳ ।
ଜ୍ୟୋତିରେ ନାହିଁ ଥଳକୂଳ ॥
ସେ ମଣ୍ଡଳକୁ ଧ୍ୟାନ କରି ।
**ଯାଗ, ଯଜ୍ଞକୁ ଶ୍ରେଷ୍ଠ କରି** ॥
ଶବ୍ଦ ନାଦକୁ ଆଛାଦିଲେ ।
ଯୋଗ କେନ୍ଦ୍ରରେ ବିହରିଲେ ॥
ଅବ୍ୟକ୍ତ ବ୍ରହ୍ମଙ୍କ ଆଜ୍ଞାରେ ।
ବେଦପତିଙ୍କ ସ୍ୱଇଛାରେ ॥
ଯଜ୍ଞପୁରୁଷ ସୃଷ୍ଟି ହେଲେ ।
ନାଦକୁ ଭାଗ ଭାଗ କଲେ ॥
ଏକଶତ ଆଠ ଅଂଶରେ ।
ନାଦକୁ ସୃଜିଲେ ସୂକ୍ଷ୍ମରେ ॥
ଯଜ୍ଞାଦି କର୍ମ ବ୍ରହ୍ମା କରି ।
ନାଦ ମଧ୍ୟରେ ଶକ୍ତି ଭରି ॥
ସୃଜିଲେ ଯଜ୍ଞର ଅଗ୍ନିରୁ ।
ଆଶିଷେ ନାଦ ମହାମେରୁ ॥
ଏହି ଯେ ଯଜ୍ଞ କର୍ମ ହେଲା ।
ବୈବର୍ତ୍ତକର ନାମ ନେଲା ॥

କନ୍ଦୁଲ୍ୟ କହିଲେ, ହେ ପରୀ ! ତୁମର ଦ୍ୱିତୀୟ ପ୍ରଶ୍ନର ଉତ୍ତର ପ୍ରଭୁଙ୍କୁ ସ୍ମରଣ କରି ଯାହା ଦେଖୁଛି, କହୁଛି ଶୁଣ । "ଯାଗ ବା ଯଜ୍ଞ"କୁ ନାଦର ବୈବର୍ତ୍ତକ କର୍ମ

କହନ୍ତି । କାରଣ-ଅନାଦି ଚୈତନ୍ୟ ମଣ୍ଡଳରୁ ଜାତ ହୋଇଥିବା ସପ୍ତକନ୍ୟାଙ୍କ ମଧ୍ୟରୁ ସୃର୍ଜୟନା ନାମକ ଦେବୀ, ଶବ୍ଦ ନାଦ ଯୋଗ କେନ୍ଦ୍ରର ତତ୍ତ୍ୱ ମଧ୍ୟରେ ମାୟା ରୂପରେ ଅବସ୍ଥାନ କରି ଏକାକ୍ଷର ବ୍ରହ୍ମଙ୍କୁ ବ୍ରହ୍ମ ବୈବର୍ତ୍ତକ ମଣ୍ଡଳର ମହାଜ୍ୟୋତି ମଧ୍ୟରେ ଧ୍ୟାନ କଲେ । ସେଠାରୁ ନିର୍ଦ୍ଦେଶ ପ୍ରାପ୍ତ ହୋଇ ଯଜ୍ଞାନୁଷ୍ଠାନ ମାଧ୍ୟମରେ ଏକାକ୍ଷର ବ୍ରହ୍ମଙ୍କୁ ଯଜ୍ଞପୁରୁଷ ଭାବରେ ଦର୍ଶନ ଲାଭ କରି ଶବ୍ଦ, ନାଦର ଅଧିଷ୍ଠାତ୍ରୀ ଦେବୀ ହୋଇ ଏହି କେନ୍ଦ୍ରକୁ ଆଚ୍ଛାଦନ କରି ରହିଲେ । ଅବ୍ୟକ୍ତ ବ୍ରହ୍ମଙ୍କ ଆଜ୍ଞାରେ ବେଦପତି ବ୍ରହ୍ମା ଯଜ୍ଞପୁରୁଷଙ୍କୁ ସୃଜନ କଲେ । ସୃର୍ଜୟନା ଦେବୀଙ୍କ ଦାୟିତ୍ୱରେ ଥିବା ବ୍ରହ୍ମ ବୈବର୍ତ୍ତକ ଜ୍ୟୋତିମଣ୍ଡଳର ଶକ୍ତିସହ ଯୁକ୍ତ ନାଦବ୍ରହ୍ମଙ୍କୁ ଯଜ୍ଞପୁରୁଷ ଏକଶତ ଆଠ ଅଂଶରେ ବିଭାଜିତ କଲେ । ଏହାପରେ ବେଦପତି ଯଜ୍ଞାଦି କର୍ମଦ୍ୱାରା ଏହି ଏକଶତ ଆଠ ଅଂଶରୁ ଯୁଗ, ଜୀବର ଆବଶ୍ୟକତା ଅନୁଯାୟୀ ଯଜ୍ଞପୁରୁଷଙ୍କ ମାଧ୍ୟମରେ ନାଦ ସୃଷ୍ଟି କରାଇଲେ । ଏହି ଯଜ୍ଞ କ୍ରିୟାର ନାମ ହେଉଛି ନାଦର ବୈବର୍ତ୍ତକ କର୍ମ ।

ନାଦ କର୍ମର ଉତ୍ତରରେ ।
ଚକିତ ହୋଇ ପରୀ ସ୍ୱରେ ।।
ଭୋ ଦେବ ପ୍ରଭୁ ସଚ୍ଚିପତି ।
ଅଦ୍ଭୁତ ଅଟେ ଏହି ଯତି ।।
ବାଳୁତ ବୟସ ଏହାର ।
ଜ୍ଞାନରେ ଅଟଇ ସାଗର ।।
ପରୀକ୍ଷା କିସ କରିବଇଁ ।
ମୋହର ବୁଦ୍ଧି ନାଶ ଯାଇ ।।
ତୁମର କରୁଣା ଅପାର ।
ଏ ଯେଉଁ ଜ୍ଞାନର ସମ୍ଭାର ।।
ତୁମ କାରଣେ ଜ୍ଞାତ ହେଲା ।
ଧରିତ୍ରୀ ବକ୍ଷେ ପ୍ରକାଶିଲା ।।

ତିନିଗୋଟି ପ୍ରଶ୍ନ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ପ୍ରଶ୍ନର ଉତ୍ତର ଶୁଣି ପରୀ ଆଶ୍ଚର୍ଯ୍ୟ ହୋଇଗଲା । ମନରେ ଇନ୍ଦ୍ରକୁ ପ୍ରାର୍ଥନା କରି କହିଲା, "ହେ ଦେବ ! ଏହି ଆଶ୍ଚର୍ଯ୍ୟ,

ଅଦ୍ଭୁତ ବାଳକକୁ ମୁଁ କି ପରୀକ୍ଷା କରିବି ? ବୟସରେ ବାଳୁତ କିନ୍ତୁ ଜ୍ଞାନରେ ସାଗର । ଆପଣ ଯଦି ପରୀକ୍ଷା ମନ ନେଇ ମୋତେ ପ୍ରେରଣ କରି ନଥାନ୍ତେ, ତେବେ ଏହି ଜ୍ଞାନଗଙ୍ଗା ଧରାପୃଷ୍ଠରେ କିପରି ପ୍ରବାହିତ ହୋଇଥାନ୍ତା ? ତେଣୁ ଆପଣଙ୍କ ପରୋକ୍ଷ କରୁଣାରୁ ହିଁ ମୁଁ ଓ ସମଗ୍ର ସୃଷ୍ଟି ଆଜି ଧନ୍ୟ ହୋଇଗଲା ।

କହୁଲ୍ୟ ନିରବ ହୋଇଲେ ।
ଗୁରୁ ପଦକୁ ଚିନ୍ତା କଲେ ॥
ତୃତୀୟ ପ୍ରଶ୍ନର ଉତ୍ତର ।
ଜିଜ୍ଞାସା କଲେ ବାରମ୍ବାର ॥
କୃପା ବଳରେ ଦୃଶ୍ୟ ହେଲା ।
ସନ୍ଦେହ ମୋଚନ ହୋଇଲା ॥
କହିଲେ ପରୀ ଦେବୀ ଶୁଣ ।
ତୃତୀୟେ ବିନ୍ଦୁ ଜ୍ଞାନ ଗୁଣ ॥
ସୃଷ୍ଟିର ଆରମ୍ଭ ପୂର୍ବରୁ ।
ବିନ୍ଦୁ ଖସିଲା ଅବ୍ୟକ୍ତରୁ ॥
ଅବ୍ୟକ୍ତ ବ୍ରହ୍ମ ଆଜ୍ଞା ଦେଲେ ।
ଯଜ୍ଞାଦି କର୍ମ ବ୍ରହ୍ମା କଲେ ॥
ସେ ବ୍ରହ୍ମ ବୈବର୍ତ୍ତକ ଯଜ୍ଞ ।
କରାଇ ହେଲେ ମହାବିଜ୍ଞ ॥
ଅବ୍ୟକ୍ତୁ ବ୍ୟକ୍ତ ବ୍ରହ୍ମ ହେଲେ ।
ଆପେ ନିଜକୁ ସୃଷ୍ଟି କଲେ ॥
ବ୍ରହ୍ମ ବିନ୍ଦୁର ସ୍ୱରୂପରେ ।
ସୃଜିଲେ ବ୍ରହ୍ମାଙ୍କ ଯଜ୍ଞରେ ॥
ରହିଲା ଏହା ସୂକ୍ଷ୍ମ ହୋଇ ।
ସ୍ରଷ୍ଟାଙ୍କ ନିର୍ଦ୍ଦେଶକୁ ଚାହିଁ ॥

କନ୍ଦୁଲ୍ୟ ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେଇସାରି ନିରବ ହୋଇଗଲେ । ତୃତୀୟ ପ୍ରଶ୍ନର ଉତ୍ତର ପାଇଁ ଗୁରୁଦେବଙ୍କୁ ଧାନ କଲେ । ଯାହା ଦେଖିଲେ ପରୀକୁ କହିଲେ, "ସୃଷ୍ଟିର ଆରମ୍ଭ ପୂର୍ବରୁ ବ୍ରହ୍ମବିନ୍ଦୁ ଅବ୍ୟକ୍ତ ମଣ୍ଡଳରେ ଅବ୍ୟକ୍ତ ବ୍ରହ୍ମରେ ଥିଲା । ନିଜେ ନିଜକୁ ସୃଷ୍ଟି କରିବାର ଅଭିଳାଷ ନେଇ ଅବ୍ୟକ୍ତ ବ୍ରହ୍ମ ବ୍ରହ୍ମାଙ୍କୁ ବ୍ରହ୍ମ ବୈବର୍ତ୍ତକ ଯଜ୍ଞ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତଦନୁସାରେ ବ୍ରହ୍ମା ଯଜ୍ଞ କରନ୍ତେ, ଯଜ୍ଞ ପୁରୁଷ ହୋଇ ଅବ୍ୟକ୍ତ ବ୍ରହ୍ମ ବ୍ରହ୍ମବିନ୍ଦୁ ରୂପରେ ବ୍ୟକ୍ତ ହୋଇଗଲେ । ତେଣୁ ଯଜ୍ଞ ହିଁ ବିନ୍ଦୁ ବ୍ରହ୍ମର ସହସ୍ରକ ସ୍ଥଳ ଅଟେ । ବ୍ରହ୍ମବିନ୍ଦୁ ଅବତରିତ ହେଲାପରେ ପରବର୍ତ୍ତୀ ଆଜ୍ଞାକୁ ଅପେକ୍ଷା କରି ସୂକ୍ଷ୍ମରେ ଅବସ୍ଥାନ କଲେ ।

ସୃଷ୍ଟି ନିର୍ମାଣ ଚିନ୍ତା କରି ।
ଅବ୍ୟକ୍ତ ବ୍ରହ୍ମ ମନେ ସ୍ମରି ।।
ନିଜକୁ ଦୁଇ ଭାଗ କଲେ ।
ପ୍ରକୃତି ପୁରୁଷ ହୋଇଲେ ।।
ପ୍ରଣବ ବୀଜ ସୃଷ୍ଟି କରି ।
ବିନ୍ଦୁରେ ଅର୍ଦ୍ଧ ଯୋଗ କରି ।।
ହୋଇଲେ ସେଠାରେ ପ୍ରକାଶ ।
ଓଁକାରେ ହୋଇଲା ପ୍ରବେଶ ।।
ବିନ୍ଦୁ ରୂପରେ ନିଜେ ରହି ।
ଅର୍ଦ୍ଧଟି ପ୍ରକୃତି ବୋଲାଇ ।।

ବ୍ରହ୍ମବିନ୍ଦୁ ବ୍ୟକ୍ତ ହେବା ପରେ ଅନେକ କଳ୍ପ ବିତିଗଲା । ସୃଷ୍ଟି ନିର୍ମାଣର କଳ୍ପନା କରି ଜୀବ ସୃଜନ ପାଇଁ ନିଜେ ନିଜକୁ ଦୁଇଭାଗ କରି ଆଦି, ଅନାଦି ବା ପ୍ରକୃତି ପୁରୁଷ ବୋଲାଇଲେ । ଏହାପରେ ପ୍ରଣବ ସୃଷ୍ଟି କରି ସେଠାରେ ବ୍ରହ୍ମବିନ୍ଦୁକୁ ସ୍ଥାପନ କରି ସେଥିରେ ଅର୍ଦ୍ଧମାତ୍ରା ଯୋଡ଼ି ଦେଲେ । ବ୍ରହ୍ମବିନ୍ଦୁ ସ୍ୱୟଂ ପୁରୁଷ ଓ ଅର୍ଦ୍ଧମାତ୍ରା ପ୍ରକୃତି ରୂପରେ ରହି ପ୍ରଣବକୁ ପୂର୍ଣ୍ଣାଙ୍ଗ କରିଦେଲେ । ଏହାହିଁ ବିନ୍ଦୁ ଉତ୍ପତ୍ତି ରହସ୍ୟ ।

ଉତ୍ତର ଶୁଣି ପରୀ ଦେବୀ ।
ଶ୍ରଦ୍ଧାରେ ଯୋଗୀ ପଦ ସେବି ।।

କହିଲେ ଯତି ଶେଷ କଥା ।
କହି ହରଣ କର ବ୍ୟଥା ॥
ଶବଦ ନାଦ ବିନ୍ଦୁ ତ୍ରୟ ।
କିଏ ସେ ଆଗ କର ଥୟ ॥

ଉତ୍ତର ଶୁଣି ପରୀ କନ୍ଦୁଲ୍ୟଙ୍କ ପଦ ବନ୍ଦନା କରି କହିଲେ, "ହେ ଯୋଗୀବର ! ମୋର ଆଉ ଗୋଟିଏ କାମନା ପୂର୍ଣ୍ଣ କର । ଶବ୍ଦ, ନାଦ ଓ ବିନ୍ଦୁ- ଏହି ତ୍ରିସୂତ୍ର ମଧ୍ୟରୁ କେଉଁଟି ତ୍ୟାଗ ଓ କେଉଁଟି ପଛ ବୁଝାଇ ଦିଅ ।"

କନ୍ଦୁଲ୍ୟ ଶୁଣି ପରୀ ବାଣୀ ।
ଲୟରେ ଗୁରୁ କୃପା ଗୁଣି ॥
କହିଲେ ଶୁଣ ସ୍ୱର୍ଗ ଦେବୀ ।
ନୁହଁଇଁ ମୁହିଁ ଅନୁଭବି ॥
ଯାହା ମୋ ଗୁରୁ କହୁଛନ୍ତି ।
ହୃଦ କନ୍ଦରେ ଦେଉଛନ୍ତି ॥
ତାହା ମୁଁ କହୁଛି ତୁମକୁ ।
ପ୍ରକାଶ ନ କର କାହାକୁ ॥
ପ୍ରଥମେ ବ୍ରହ୍ମ ବିନ୍ଦୁ ହେଲା ।
ତା ପରେ ନାଦ ଚମକିଲା ॥
ଶେଷରେ ଶବଦ ଖଞ୍ଜିଣ ।
ତ୍ରିସୂତ୍ରୀ କଲେ ବ୍ରହ୍ମରାଣ ॥

ପରୀଙ୍କ ବଚନ ଶୁଣି କନ୍ଦୁଲ୍ୟ କହିଲେ, ହେ ସ୍ୱର୍ଗ ଦେବୀ । ଏ ସବୁ ଜ୍ଞାନର ଅଧିକାରୀ ମୁଁ ନୁହେଁ । ମୋର ଗୁରୁଦେବ କୃପାକରି ଯେତିକି ଚେତାରେ ଦେଖାଉଛନ୍ତି, ମୁଁ ତୁମକୁ ସେତିକି ହିଁ କହୁଛି । ତେଣୁ ଏହାକୁ ପ୍ରକାଶ କରିବ ନାହିଁ । ପ୍ରଥମେ ବ୍ରହ୍ମବିନ୍ଦୁ ସୃଷ୍ଟି ହେଲା । ତାହାପରେ ନାଦ ସୃଜନ ହେଲା । ଶେଷରେ ଶବ୍ଦ ସୃଷ୍ଟି ହୋଇ ତ୍ରିସୂତ୍ରୀ ନିର୍ମାଣ ହେଲା ।

ଉତ୍ତର ଶୁଣି ସନ୍ତୋଷରେ ।
ଉଭାନ ହେଲେ ପରୀ ଧୀରେ ॥
ଶୂନ୍ୟରେ ତିନିରଙ୍ଗ ହୋଇ ।
ଜ୍ୟୋତିରେ ଝଲସିଲେ ସେହି ॥
ପ୍ରଥମେ ଧବଳର ଜ୍ୟୋତି ।
ଦ୍ୱିତୀୟେ ହରିଦ୍ରା ମୂରତି ॥
ତୃତୀୟେ ନୀଳ ବର୍ଣ୍ଣ ହୋଇ ।
ଶୂନ୍ୟରେ ଗଲେ ସେ ମିଳାଇ ॥

ଉତ୍ତର ଶୁଣିବା ପରେ ପରୀ ଉଭାନ ହୋଇଗଲେ । ଆକାଶ ବକ୍ଷରେ ତ୍ରିରଙ୍ଗା ଜ୍ୟୋତି ପୂର୍ଣ୍ଣ ହୋଇଗଲା । ପ୍ରଥମେ ଧବଳ ବର୍ଣ୍ଣ ଜ୍ୟୋତିସୃଷ୍ଟି ହେଲା । ଦ୍ୱିତୀୟରେ ହରିଦ୍ରା ଓ ତୃତୀୟରେ ନୀଳବର୍ଣ୍ଣ ଜ୍ୟୋତି ସୃଷ୍ଟି ହୋଇ ପୁନଶ୍ଚ ଏକତ୍ର ହୋଇ ଶୂନ୍ୟରେ ମିଳାଇଗଲା ।

ଏମନ୍ତ ଦୃଶ୍ୟ ଦେଖି ଋଷି ।
ଚକିତେ ଧୀରେ ଗଲେ ବସି ॥
ଏହା କି ଦୃଶ୍ୟ ଦେଖାଯାଏ ।
ରହସ୍ୟ ବୁଝି ତ ନହୁଏ ॥
ଚିନ୍ତିଲେ ଗୁରୁପଦ ଧାୟୀ ।
ମହାନିଦ୍ରାରେ ଗଲେ ଶୋଇ ॥
ଯୋଗନିଦ୍ରାର ଶେଷ କାଳେ ।
ରାତ୍ରି ଶେଷର ବ୍ରହ୍ମ ବେଳେ ॥
ଦକ୍ଷିଣ ଦିଗ ଆକାଶରେ ।
ନାଲି ବର୍ଣ୍ଣର ଜ୍ୟୋତି ଝରେ ॥
ତା ମଧ୍ୟେ ସେହି ତିନି ଜ୍ୟୋତି ।
କୋଟି ତେଜରେ ପ୍ରକାଶନ୍ତି ॥

ଏ ବେଳେ ଶୂନ୍ୟବାଣୀ ହେଲା ।
ତ୍ରିତତ୍ତ୍ୱ ଜ୍ୟୋତି ଦୃଶ୍ୟ ହେଲା ।।
ଶବ୍ଦ ନାଦ ବିନ୍ଦୁର ଜ୍ୟୋତି ।
ତିନି ରଙ୍ଗରେ ପ୍ରକାଶନ୍ତି ।।
ଜ୍ୟୋତି ଦର୍ଶନ ତୋର ହେଲା ।
ତ୍ରିସୂତୀ ଜ୍ଞାନ ସିଦ୍ଧି ହେଲା ।।
ନୈମିଶ୍ୟା ଅରଣ୍ୟ ନ ଯାଇ ।
ବ୍ରହ୍ମ ପଦରେ ମନ ଦେଇ ।।
ଏକାକ୍ଷରକୁ ଚିନ୍ତା କର ।
ବ୍ରହ୍ମ ଆଶ୍ରମ ସୃଷ୍ଟି କର ।।

ପରୀ ଅଦୃଶ୍ୟ ସମୟରେ ତ୍ରିଜ୍ୟୋତିକୁ ଆକାଶ ମାର୍ଗରେ ଦର୍ଶନ କରି କନ୍ଦୁଲ୍ୟ ହତଚକିତ ହୋଇଗଲେ । ଏହାର ରହସ୍ୟ ଭେଦ କରି ନ ପାରି ମଉନ ହୋଇ ଗୁରୁପଦ ଚିନ୍ତାକରି ଯୋଗନିଦ୍ରାରେ ଶୋଇଗଲେ । ରାତ୍ରିର ଶେଷ ପ୍ରହର ବ୍ରହ୍ମବେଳାରେ ନିଦ୍ରା ତେଜି ଦେଖନ୍ତେ-ଆକାଶର ଦକ୍ଷିଣ ଦିଗରେ ଏକ ଉଜ୍ଜ୍ୱଳ ଲାଲ ବର୍ଣ୍ଣର ଜ୍ୟୋତି ଆକାଶକୁ ଆଚ୍ଛାଦନ କରିଦେଇଛି । ତନ୍ମଧ୍ୟରେ ପୂର୍ବଦର୍ଶିତ ତ୍ରିଜ୍ୟୋତି କୋଟି ପ୍ରଭା ତେଜ ନେଇ ପ୍ରକାଶ ହୋଇଛନ୍ତି । ଏହି ସମୟରେ ଶୂନ୍ୟବାଣୀ ହେଲା-''ଏହି ତିନିଜ୍ୟୋତି ହେଉଛି ଶବ୍ଦ, ନାଦ, ବିନ୍ଦୁର ଜ୍ୟୋତି । ଏହାକୁ ଦର୍ଶନ କରି ତୋର ତ୍ରିସୂତ୍ରୀ ଜ୍ଞାନ ସିଦ୍ଧି ହୋଇଯାଇଛି । ଆଉ ନୈମିଶ୍ୟା ଅରଣ୍ୟ ନ ଯାଇ ସେହିଠାରେ ବ୍ରହ୍ମ ଆଶ୍ରମ ସୃଷ୍ଟି କରି ଏକାକ୍ଷର ବ୍ରହ୍ମଙ୍କୁ ଧ୍ୟାନ କର ।''

ଶୂନ୍ୟ ଆଦେଶ ପାଇ ଯତି ।
ବ୍ରହ୍ମ ଆଶ୍ରମ କଲେ ସ୍ଥିତି ।।
ଏକାକ୍ଷରରେ ଦେଇ ମନ ।
ଧ୍ୟାନରେ ହୋଇଲେ ମଉନ ।।
ବାର ବରଷ ବିତିଗଲା ।
ସାଧକ ଜ୍ଞାନ ସିଦ୍ଧି ହେଲା ।।

କଳିଯୁଗର ଆଦି ଭାଗ ।
କରିଲେ ତ୍ରିତତ୍ତ୍ୱର ଯାଗ ॥
ଯଜ୍ଞ ପୁରୁଷ ଉଭା ହେଲେ ।
ଆନନ୍ଦେ ବର ଯାଚି ଦେଲେ ॥
କଳି ଶେଷରେ ଅବତାର ।
ଧରିବେ ମାନବ ଶରୀର ॥
ତୋର ଏ ବ୍ରହ୍ମ ଆଶ୍ରମରେ ।
ରହିବେ ନିଜେ ସଶରୀରେ ॥
କରିବେ ତ୍ରିସୂତ୍ରୀର ଯାଗ ।
ଭକ୍ତ ପ୍ରବର ନେବେ ଭାଗ ॥
ବଚନ ମିଥ୍ୟା ହେବ ନାହିଁ ।
କାଳ କାଳକୁ ଯିବ ରହି ॥
ତୋର ଏ ଆଶ୍ରମର ଗ୍ରାମ ।
ନାମିତ ହେବ ତୋର ନାମ ॥
ଆଶିଷ ଦେଉଅଛି ମୁହିଁ ।
ବ୍ରହ୍ମ ଆନନ୍ଦେ ରହ ତୁହି ॥

ଶୂନ୍ୟବାଣୀ ଶ୍ରବଣ କରି କନ୍ଦୁଲ୍ୟ ସେହି ଅଶ୍ୱତ୍ଥ ବୃକ୍ଷମୂଳେ ବ୍ରହ୍ମ ଆଶ୍ରମ ନିର୍ମାଣ କରି ଏକାକ୍ଷର ବ୍ରହ୍ମଙ୍କୁ ଧ୍ୟାନ କଲେ । ବାରବର୍ଷ ଅତିକ୍ରାନ୍ତ ହେବାପରେ ତାଙ୍କର ଏକାକ୍ଷର ବ୍ରହ୍ମଜ୍ଞାନ ସିଦ୍ଧି ହୋଇଗଲା । କଳିଯୁଗର ପ୍ରଥମ ଭାଗରେ ଏହି ମହାନ୍ ସାଧକ ତାଙ୍କ ଆଶ୍ରମରେ ଶବ୍ଦ, ନାଦ, ବିନ୍ଦୁ ତ୍ରିତତ୍ତ୍ୱ ଯଜ୍ଞ ଅନୁଷ୍ଠିତ କରି ଯଜ୍ଞପୁରୁଷଙ୍କ ଦର୍ଶନ ଲାଭ କରିଥିଲେ । ସେହି ସମୟରେ ଯଜ୍ଞପୁରୁଷ ତାଙ୍କୁ ବରଦାନ କରିଥିଲେ ଯେଉଁ ସ୍ଥାନରେ ତାଙ୍କର ଆଶ୍ରମ ଥିଲା ସେହି ସ୍ଥାନର ନାମ ତାଙ୍କରି ନାମ ଅନୁସାରେ ନାମିତ ହେବ । କଳିର ଶେଷ ପ୍ରାନ୍ତରେ ପରମପୁରୁଷ ଅବତାର ନେଇ ସଶରୀରରେ ସେହି ସ୍ଥାନରେ ଉପସ୍ଥିତ ରହି ଏହି ତ୍ରିସୂତ୍ରୀ ଯଜ୍ଞ କରାଇ ସ୍ମାରକ ରକ୍ଷା କରିବେ ।

ସେହି ବଚନ ରକ୍ଷାକରି ।
ପ୍ରିୟ ଭକତ ସ୍ମୃତି ସ୍ମରି ॥
ଯଜ୍ଞ ଏଠାରେ ଆଜି ହୁଏ ।
ଭକ୍ତଜନଙ୍କ ମନ ମୋହେ ॥
କନ୍ଦୁଲ୍ୟ ଭଟ୍ଟ ନାମ ନେଇ ।
କନ୍ଦୁଲ୍ୟପୁର ନାମ ହୋଇ ॥
ସ୍ଥାନଟି ଶୋଭା ପାଉଥିଲା ।
କାଳକ୍ରମରେ ବଦଳିଲା ॥
କେନ୍ଦେଇପଶି ନାମ ହୋଇ ।
କୋଶଳ ରାଜ୍ୟେ ବିରାଜଇ ॥
ଏହାହିଁ ଯଜ୍ଞର କାହାଣୀ ।
ପ୍ରେମ ଭାବରେ ହୁଅ ଗୁଣୀ ॥

ସେଦିନର ସେହି ବଚନ ରକ୍ଷା କରି, ପ୍ରିୟ ଭକ୍ତର ସ୍ମୃତି ଚାରଣ କରି ଆଜି ଏହି ତ୍ରିସୂତୀ (ଶବ୍ଦ, ନାଦ, ବିନ୍ଦୁ) ଯଜ୍ଞାନୁଷ୍ଠାନ ହେଉଅଛି । କନ୍ଦୁଲ୍ୟଭଟ୍ଟଙ୍କ ନାମାନୁସାରେ ସେତେବେଳେ ସ୍ଥାନଟିର ନାମ କନ୍ଦୁଲ୍ୟପୁର ହୋଇଥିଲା । କାଳକ୍ରମେ ଅପଭ୍ରଂଶ ହୋଇ ନାମଟି ଆଜି କେନ୍ଦେଇପଶିରେ ରୂପାନ୍ତରିତ ହୋଇଯାଇଛି । ଏହାହିଁ ଏଠାରେ ଅନୁଷ୍ଠିତ ହେଉଥିବା ଯଜ୍ଞର କାହାଣୀ । ଏହାକୁ ପ୍ରେମ ଭାବରେ ମନନ କରି ଆନନ୍ଦିତ ହୁଅ ।

ପ୍ରଭୁଙ୍କ ଶ୍ରୀମୁଖ ବଚନ ।
ଶୁଣି ସନ୍ତୋଷ ହୁଏ ମନ ॥
କେଉଁ ଜନ୍ମରେ ଏତେ ପୂଣ୍ୟ ।
କରି ମୁଁ ଥିଲି ମୂଢ଼ଜନ ॥
ଶ୍ରୀମୁଖୁ ଶୁଣି ଲୀଳାମୃତ ।
ନିସ୍ତରିଗଲି ଲକ୍ଷ୍ମୀକାନ୍ତ ॥
ଆଉ ମୋ କିଛି ଲୋଡ଼ା ନାହିଁ ।
ଏତିକି ମାଗୁଛି ହେ ସାଇଁ ॥

ଏ ଜ୍ଞାନାମୃତ ଯେଉଁ ପ୍ରାଣୀ ।
ଶୁଣି ଶୁଣାଇ ହେବ ଗୁଣୀ ॥
ତା' ହୃଦେ ବିରାଜି ହେ ସାଇଁ ।
କୃପାନେତ୍ରରେ ଦେବ ଚାହିଁ ॥
ତା ଭବବନ୍ଧ ଦୂର ହେବ ।
ତୁମ ଶ୍ରୀପଦ ପ୍ରାପ୍ତ ହେବ ॥
ଏତିକି ଆଜ୍ଞା ମୋତେ ହେଉ ।
ତବ ଶ୍ରୀପଦେ ମନ ରହୁ ॥

କେନ୍ଦେଇପଶିଠାରେ ଅନୁଷ୍ଠିତ ହେଉଥିବା ଯଜ୍ଞର କାରଣ ଓ ତଦ୍ ସମ୍ପର୍କିତ ଜ୍ଞାନାମୃତ ଶ୍ରୀମୁଖରୁ ଶ୍ରବଣ କରି ଅନୁଗତ ସେବକଟି କୃତକୃତ୍ୟ ହୋଇ ସ୍ତୁତି ବନ୍ଦନା କରିବାକୁ ଲାଗିଲା । ଶ୍ରୀଚରଣ ପୂଜାର୍ଚ୍ଚନ କରି ଶେଷରେ କୃତାଞ୍ଜଳିପୁଟରେ ପ୍ରାର୍ଥନା କଲା, "ହେ କରୁଣା ସାଗର ! ଏହି ଜ୍ଞାନାମୃତକୁ ଯେଉଁ ପ୍ରାଣୀ ଶ୍ରଦ୍ଧା, ପ୍ରେମ ଭକ୍ତିରେ ଶୁଣିବ ବା ଶୁଣାଇବ ତାକୁ ଥରେ କୃପାନେତ୍ରରେ ଚାହିଁ ଦେଇ ତା' ହୃଦ ମନ୍ଦିରରେ ବିରାଜିତ ହୁଅ ପ୍ରଭୁ ! ତା'ର ସମସ୍ତ ଭବବନ୍ଧନ ଦୂର ହୋଇ ଅନ୍ତିମେ ତୁମରି ଶ୍ରୀଚରଣରେ ଚିର ବିଶ୍ରାମ ପ୍ରାପ୍ତିର ଆଜ୍ଞା ହେଉ । ଏତିକି ବ୍ୟତୀତ ମୋର ଆଉ କିଛି ଲୋଡ଼ାନାହିଁ ।

**ମଙ୍ଗଳମୟ, ଆର୍ତ୍ତତ୍ରାଣ, ପତିତପାବନ ସ୍ୱର୍ଣ୍ଣକ୍ଷେତ୍ରାଧିପତିଙ୍କର ଜୟ ହେଉ ।**

**ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!**

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି